# ମାସକୁ ୧୦ ଦିନ ବିଦ୍ୟାଳୟ, ହସ୍ପିଟାଲ ଯାଅ

- ଆରଡିସିଙ୍କ ଉନ୍ନୟନ ଯୋଜନାର ସମୀକ୍ଷା
- ଅଧିକ ପିଲା ଯେପରି ଏ-୧ ଗ୍ରେଡ୍ ପାଇବେ ଚେଷ୍ଟା କର
- ପେନସନ୍ ମାମଲାଗୁଡ଼ିକ ତ୍ୱରିତ ଫଏସଲା ହେଉ
- ସୂଚନା ଅଧିକାର ଆଇନ ଉପରେ ଗୁରୁତ୍ୱ


ସମୀକ୍ଷା ବୈଠକରେ ଆରଡିସି ସୁରେଶ ଚନ୍ଦ୍ର ଦଳାଇ, ଜିଲାପାଳ ପାରୁଲ ପଟୱାରୀ ଓ ଅନ୍ୟ ଅଧିକାରୀମାନେ।

ଜଗତ୍‌ସିଂହପୁର ଅଫିସ, ୧୪।୭

ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଜଗତ୍‌ସିଂହପୁର ଜିଲାର ୯୬.୩୬% ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ତଥାପି ଆଗାମୀ ପରୀକ୍ଷାରେ ଯେପରି ଏ-୧ ଗ୍ରେଡ୍‌ରେ ଅଧିକ ସଂଖ୍ୟକ ପିଲା କୃତକାର୍ଯ୍ୟ ହେବେ ସେଥିପ୍ରତି ଚେଷ୍ଟା କର। ଗୁରୁବାର କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର (ଆର୍‌ଡିସି) ସୁରେଶ ଚନ୍ଦ୍ର ଦଳାଇ ଜଗତ୍‌ସିଂହପୁର ଜିଲା ଗସ୍ତରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଏହି ପରାମର୍ଶ ଦେଇଛନ୍ତି। ଏହି ଅବସରରେ ସେ ଶିକ୍ଷା ବିଭାଗ ସହ ଜିଲାର ବରିଷ୍ଠ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ଏଣିକି ମାସକରେ ଅନ୍ୟୁନ୍ୟ ୧୦ଟି ବିଦ୍ୟାଳୟ ଓ ହସ୍ପିଟାଲ ପରିଦର୍ଶନ କର। ବିଦ୍ୟାଳୟ ପରିଦର୍ଶନ ସମୟରେ ପିଲାମାନଙ୍କ ପାଠପଢ଼ା ସହ ପରିସ୍କାର ପରିଚ୍ଛନତା, ଭିତ୍ତିଭୂମି, ଲାବୋରେଟାରି, ଇ-ଲାଇବ୍ରେରୀ ଓ ଖେଳପଡ଼ିଆ ଆଦି ତନଖି କରିବା ଉଚିତ। ଏହାଦ୍ୱାରା ଅନେକ ସମସ୍ୟାର ସମାଧାନ ହୋଇପାରିବ। ଏହାବାଦ୍ ସରକାରୀ କାର୍ଯ୍ୟାଳୟଗୁଡ଼ିକ ଅନୁଧ୍ୟାନ ସମେତ ସୂଚନା ଅଧିକାର ଆଇନ ଓ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରୁ ଆସୁଥିବା ଅଭିଯୋଗଗୁଡ଼ିକର ତ୍ୱରିତ କାର୍ଯ୍ୟାନୁଷ୍ଠାନ ନିଅ। ଆଞ୍ଚଳିକ ପରିବହନ ବିଭାଗ, ଅବକାରୀ, ସ୍ୱଳ୍ପ ସଞ୍ଚୟ, ସବ୍ ରେଜିଷ୍ଟ୍ରାର ଓ ରାଜସ୍ୱ ବିଭାଗର ରାଜସ୍ୱ ବୃଦ୍ଧି ଉପରେ ମଧ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ, ଅଧିକାରୀମାନଙ୍କ ପାଇଁ କ୍ୱାର୍ଟର୍ସ ନିର୍ମାଣ, ମ୍ୟୁଟେସନ୍ ମାମଲାଗୁଡ଼ିକର ସମାଧାନ କରି ପଟା ପ୍ରଦାନ, ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ, ପେନସନ୍ ମାମଲାଗୁଡ଼ିକ ଅଗ୍ରାଧିକାର ଭିତ୍ତିରେ ସମାଧାନ କର । ରାଜସ୍ୱ ନିରୀକ୍ଷକ ଓ ତହସିଲଦାର କାଯର୍ୟାଳୟଗୁଡ଼ିକର ପୁନରୁଦ୍ଧାର, ନୂତନ ନିର୍ମାଣ, ପ୍ରତ୍ୟେକ ତହସିଲ କାର୍ଯ୍ୟାଳୟରେ ସମ୍ମିଳନୀ କକ୍ଷ ସହ ଓସୱାନ କନେକ୍ଟିଭିଟି ଯୋଗାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ଉକ୍ତ କାର୍ଯ୍ୟାଳୟରେ ନୂତନ ଫର୍ଣ୍ଣିଚର, ଟଏଲେଟ୍ ଓ ପାନୀୟ ଜଳ ବ୍ୟବସ୍ଥା ରହିବା ଜରୁରୀ ବୋଲି କହିଥିଲେ। ଏହି ଅବସରରେ ଜିଲାପାଳ ପାରୁଲ ପଟାୱରୀ ବିଭାଗୀୟ ଯୋଜନା, ପ୍ରକଳ୍ପ ଓ ଜନକଲ୍ୟାଣକାରୀ ଯୋଜନାର ଅଗ୍ରଗତି ସମ୍ପର୍କରେ ଆରଡିସି ଦଳାଇଙ୍କୁ ଅବଗତ କରାଇଥିଲେ। ଅମିନ, ଆର୍‌ଆଇ, ଗ୍ରୁପ୍‌ଡି, କନିଷ୍ଠ ଓ ବରିଷ୍ଠ ଷ୍ଟେନୋ ନିଯୁକ୍ତି ସମେତ କୋର୍ଟ, ଡିପି, ପେନସନ୍ ମାମଲାଗୁଡ଼ିକର ଯଥାଶୀଘ୍ର ଫଏସଲା ହେବା ଉଚିତ। ପୋଲିସ ମାଜିଷ୍ଟ୍ରେଟ ସମନ୍ୱୟ କମିଟି ବୈଠକ, ମ୍ୟୁଟେସନ୍, ଜଗନ୍ନାଥଙ୍କ ଜମି ଓ ସାର୍ଟିଫିକେଟ୍ ମାମଲା ସହ ରୁରାଲ ହାଉସିଂ, ରେକର୍ଡ ରୁମ୍ ଡିଜିଟାଇଜେସନ୍, ଇ-ଅଫିସ କାର୍ଯ୍ୟକାରିତା, ଜିଲା ମଙ୍ଗଳ ବିଭାଗର ବିଦ୍ୟାଳୟ, ମତ୍ସ୍ୟ ପୋଖରୀ, ବାଇ ଓ ଫ୍ଲକ୍, ଇଣ୍ଟିଗ୍ରେଟେଡ୍ ଫାର୍ମିଂ ଓ ଏସ୍‌ଏଚ୍‌ଜିମାନଙ୍କ ଦ୍ୱାରା ରନ୍ଧନ ଗ୍ୟାସ ବଣ୍ଟନ ଉପରେ ବୁଝିଥିଲେ। ବିଦ୍ୟୁତ୍ ବିଲ୍ ସଂଗ୍ରହ, ଛତୁଆ ଉତ୍ପାଦନ, ସ୍କୁଲ ୟୁନିଫର୍ମ ପ୍ରସ୍ତୁତ, ମମତା ଯୋଜନା, ୱାନ ଷ୍ଟପ ସେଣ୍ଟର, ମିଶନ ଶକ୍ତି ଗୃହ ନିର୍ମାଣ, ଜାତୀୟ ଖାଦ୍ୟ ସୁରକ୍ଷା, ଧାନ ସଂଗ୍ରହ, ବାଣିଶ୍ରୀ ମେଧାବୃତ୍ତି, ବାହାଘର ପ୍ରୋତ୍ସାହନ ରାଶି, ଏମ୍‌ପି, ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି, ଇନ୍‌ଡୋର ଓ ମିନି ଷ୍ଟାଡିୟମ ନିର୍ମାଣର ଅଗ୍ରଗତି, ଶିଶୁ ଯତ୍ନ ଅନୁଷ୍ଠାନ ଓ ସଂସ୍କୃତି ବିଭାଗ ଲାଇବ୍ରେରୀ ନିର୍ମାଣ ଉପରେ ସମୀକ୍ଷା କରିଥିଲେ। ଏଥିରେ ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ରହିଥିଲେ।

## ସଂକ୍ଷେପରେ

### ଯୌତୁକ ପାଇଁ ନବବଧୂଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗ

ଏରସମା, ୧୪।୭(ସ୍ୱ.ପ୍ର.): ଏରସମା ଥାନା ଅନ୍ତର୍ଗତ ଜିରାଇଲୋ ଗାଁର ଜଣେ ନବବଧୂଙ୍କୁ ତିର୍ତ୍ତୋଲସ୍ଥିତ ତାଙ୍କ ଶାଶୁଘର ଲୋକେ ମରଣାନ୍ତକ ଆକ୍ରମଣ କରିଥିବା ଗୁରୁବାର ଅଭିଯୋଗ ହୋଇଛି। ଆହତ ନବବଧୂଙ୍କୁ ଚିକିତ୍ସା ପାଇଁ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଅଭିଯୋଗ ଅନୁସାରେ, ଜିରାଇଲୋ ଗ୍ରାମର ବାବାଜୀ ବେହେରାଙ୍କ ଝିଅ ଚନ୍ଦ୍ରମୁଖୀ ୨ ବର୍ଷ ତଳେ ତିର୍ତ୍ତୋଲ ଥାନା ଅନ୍ତର୍ଗତ ଓଲଗଦା ଗ୍ରମର ହେମନ୍ତ ବେହେରାଙ୍କ ପୁଅ ପ୍ରିୟବ୍ରତଙ୍କୁ ଭଲ ପାଇ ବିବାହ କରିଥିଲେ। ବିବାହର କିଛିଦିନ ଭଲରେ କଟିଥିଲା। ପରେ ଅଧିକ ଯୌତୁକ ଆଣିବା ପାଇଁ ନବବଧୂଙ୍କୁ ଶାରିରୀକ ମାନସିକ ନିର୍ଯାତନା ଦିଆଯାଉଥିଲା। ବହୁଥର ଗାଁର ମୁରବୀଙ୍କ ଉପସ୍ଥିତିରେ ନ୍ୟାୟ କରାଯାଇଥିଲେ ମଧ ସମସ୍ୟାର ସମାଧାନ ହୋଇପାରି ନ ଥିଲା। ଗୁରୁବାର ମଧାହ୍ନରେ ଶାଶୁଘର ଲୋକେ ଚନ୍ଦମୁଖୀଙ୍କୁ ମରଣାନ୍ତକ ଆକ୍ରମଣ କରି ଜିରାଇଲୋ ଗ୍ରାମର ଚାଟଖାଇ ମନ୍ଦିର ନିକଟରେ ପକାଇ ଦେଇ ଯାଇଥିଲେବୋଲି ଅଭିଯୋଗରେ ଉଲ୍ଲେଖ ରହିଛି। ଏରସମା ଥାନାରେ ଏ ସମ୍ପର୍କରେ ଚନ୍ଦ୍ରମୁଖୀଙ୍କ ଭାଇ ଝସକେତନ ଅଭିଯୋଗ କରିଛନ୍ତି। ଏ ନେଇ ଥାନାରେ ନଂ. ୨୪୦/୨୨ରେ ମାମଲା ରୁଜୁ ହୋଇଛି। ଏହି ଘଟଣାରେ ସ୍ୱାମୀ ପ୍ରିୟବ୍ରତ ଓ ଶ୍ୱଶୁର ହେମନ୍ତଙ୍କୁ ପାଲିସ ଗିରଫ କରିଥିବା ତଦନ୍ତକାରୀ ଅଧିକାରୀ ଉଦୟ ସିଂହ କହିଛନ୍ତି।

### ମଙ୍ଗୁଲି ସମବାୟ ସମିତିର ପ୍ରଥମ ବୈଠକ

ବାଲିଆ, ୧୪।୭: ବିରିଡି ବ୍ଲକ ୨୨ ମୌଜା ମଙ୍ଗୁଲି ସେବା ସମବାୟ ସମିତିର ନବନିର୍ବାଚିତ ସଭାପତି ଓ ସଭ୍ୟାସଭ୍ୟଙ୍କୁ ନେଇ ଗୁରୁବାର ସମିତିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ବିଜୟ ପ୍ରସନ୍ନ ଦାସଙ୍କ ଆହ୍ୱାନରେ ଆୟୋଜିତ ବୈଠକରେ ନବନିର୍ବାଚିତ ସଭାପତି ରବୀନ୍ଦ୍ର କୁମାର ସାହୁଙ୍କୁ ଫୁଲତୋଡା ଦେଇ ସମ୍ପାଦକ ଦାସ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଅନ୍ୟ ନିର୍ବାଚିତ ସଭ୍ୟାସଭ୍ୟଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ନୂତନ ସଭାପତି ସାହୁ ଦାୟିତ୍ୱ ଗ୍ରହଣ କରିଥିଲେ। ବୈଠକ ଅବସରରେ ଆଗାମୀଦିନରେ ଧାନମଣ୍ଡି ପାଇଁ ଚାଷୀମାନଙ୍କର ନାମ ପଞ୍ଜୀକରଣ, କୃଷି ଋଣ ପ୍ରଦାନ, କୃଷି ଋଣ ଆଦାୟ ଓ ସମବାୟ ସମିତି ପକ୍ଷରୁ କୃଷକମାନଙ୍କ ପାଇଁ କ'ଣ ସବୁ ସୁବିଧା ରହିଛି ସେ ସମ୍ପର୍କରେ ଚାଷୀମାନଙ୍କୁ ସଚେତନ କରାଯିବ ବୋଲି ଆଲୋଚନା ହୋଇଥିଲା। ବିଶେଷକରି ସମବାୟ ସମିତି ଭିତ୍ତିଭୂମିର କିପରି ବିକାଶ ହେବ ତାହା ଉପରେ ମଧ ଗୁରୁତ୍ୱ ଦିଆଯାଇଥିଲା।



## ତିର୍ତ୍ତୋଲ ବିଧାୟକଙ୍କ ଇସ୍ତଫା ଦାବି କଲା ଯୁବ କଂଗ୍ରେସ


ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସର ନେତାମାନେ।

ତିର୍ତ୍ତୋଲ, ୧୪।୭(ଡି.ଏନ.ଏ.)

ତିର୍ତ୍ତୋଲସ୍ଥିତ ଆନନ୍ଦ ମଣ୍ଡପ ପରିସରେ ଗରୁବାର ଏକ ଖବରଦାତା ସମ୍ମିଳନୀରେ ଯୁବ କଂଗ୍ରେସ ପକ୍ଷରୁ ବିଧାୟକ ବିଜୟ ଶଙ୍କର ଦାସଙ୍କ ଇସ୍ତଫା ଦାବି କରାଯାଇଛି। ବିଧାୟକଙ୍କ ବିରୋଧରେ ଏକ ସଙ୍ଗୀନ ଅଭିଯୋଗକୁ ନେଇ ଜଗତ୍‌ସିଂହପୁର ଏସ୍‌ପି କ୍ରାଇମବ୍ରାଞ୍ଚକୁ ଏହାର ତଦନ୍ତ କରିବା ନିମନ୍ତେ ଚିଠି କରିଛନ୍ତି। ସେ ଶାସକ ଦଳର ବିଧାୟକ ହୋଇଥିବାରୁ ତଦନ୍ତରେ ବାଧା ସୃଷ୍ଟି ହେବାର ସମ୍ଭାବନା ଥିବାରୁ ଓ ନୈତିକ ଦୃଷ୍ଟିରୁ ସେ ତାଙ୍କ ପଦବୀରୁ ଇସ୍ତଫା ଦେବାକୁ ଯୁବ କଂଗ୍ରେସ ଦାବି କରିଛି। ବିଧାୟକ ଦାସଙ୍କ ବିରୋଧରେ ତାଙ୍କ ବାନ୍ଧବୀ ସେ ସେକ୍ସ ର୍ୟାକେଟ ଚଲାଇବାର ସାଂଘାତିକ ଅଭିଯୋଗ ଆଣିଥିଲେ। ଏହି ଘଟଣାକୁ ନେଇ ତିର୍ତ୍ତୋଲ ଯୁବ କଂଗ୍ରେସ ସଭାପତି ବେଦଦ୍ୟୁତି ପୃଷ୍ଟିଙ୍କ ନେତୃତ୍ୱରେ ଖବରଦାତା ସମ୍ମିଳନୀ ଜରିଆରେ ବିଧାୟକ ଦାସଙ୍କୁ ନିଜର ବିଧାନସଭା ସଭ୍ୟ ପଦରୁ ଇସ୍ତଫା ଦେବା ସହ ତଦନ୍ତରେ ସହଯୋଗ କରିବାକୁ ଦାବି କରାଯାଇଛି। ତିର୍ତ୍ତୋଲର ପୂର୍ବତନ ନେତାଙ୍କ କଥା ମନେ ପକାଇ ସ୍ୱର୍ଗତ ପ୍ରତାପ ମହାନ୍ତି, ନିଶାମଣୀ ଖୁଣ୍ଟିଆ, ନିତ୍ୟାନନ୍ଦ ସାମନ୍ତରାୟ ଓ ବସନ୍ତ ବିଶ୍ୱାଳଙ୍କ ପରି ମହାନ୍ ଦିବଙ୍ଗତଙ୍କ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ପ୍ରତି ଅବଦାନ ବିଷୟରେ ଆଲୋକପାତ କରିଥିଲେ। କିନ୍ତୁ ବର୍ତ୍ତମାନ ନେତୃତ୍ୱକୁ ନେଇ ବିଭିନ୍ନ ଗଣମାଧମରେ ବିବାଦୀୟ ଚର୍ଚ୍ଚା ଯୁବ ପିଢ଼ିଙ୍କ ଉପରେ ପ୍ରଭାବ ପଡିବା ସହ ନକାରାତ୍ମକ ପ୍ରଭାବ ତିର୍ତ୍ତୋଲକୁ ଲଜ୍ଜିତ ଓ ଅପମାନିତ କରୁଛି। ବିଗତ ଦିନରେ ରାଜ୍ୟ ସରକାରଙ୍କର ବିଧାୟକ, ଏମ୍‌ପି ଓ ମନ୍ତ୍ରୀଙ୍କ ବିରୋଧରେ ବିଭିନ୍ନ ଅଭିଯୋଗ ଆସିଥିଲା। ସେମାନେ ପଦ ପଦବୀରୁ ରହିବାରୁ ତଦନ୍ତ ବାଟବଣା ହେବାର ବହୁ ନଜିର ରହିଛି। ତେଣୁ ସେହିଭଳି ଉକ୍ତ ଘଟଣାରେ ଅନୁରୂପ ତଦନ୍ତ ବାଟବଣା ହେବାର ଆଶଙ୍କା କରି ଯୁବ କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀରେ ରାଜ୍ୟର ମୁଖ୍ୟମନ୍ତ୍ରୀ, ବାଚସ୍ପତି ଓ ଗୃହ ବିଭାଗର ମନ୍ତ୍ରୀ ତୁରନ୍ତ ଏହି ସ୍ପର୍ଶକାତର ଘଟଣାରେ ହସ୍ତକ୍ଷେପ କରି ବିଧାୟକଙ୍କ ସଭ୍ୟପଦ ବରଖାସ୍ତ କରିବାକୁ ଦାବି କରିଥିଲେ। ନଚେତ ଯୁବ କଂଗ୍ରେସ ତିର୍ତ୍ତୋଲ ମାଟିର ସମ୍ମାନ ଓ ସ୍ୱାଭିମାନ ପାଇଁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବ। ଯାହା ପାଇଁ ରାଜ୍ୟ ସରକାର ଦାୟୀ ରହିବେ ବୋଲି ମୂଳିସିଂହ ସରପଞ୍ଚ ସଫି ଆଜମ୍, ଗୋପାଳପୁର ଯୁବ କଂଗ୍ରେସ ସଭାପତି ଶୁଭାଶିଷ ସ୍ୱାଇଁ, ମୂଳିସିଂହ ଯୁବ କଂଗ୍ରେସ ସଭାପତି ରିଙ୍କୁ ପାଲ୍, ଉପସଭାପତି ବୁଦ୍ଧେଶ୍ୱର ବେହେରା, ରବୀନ୍ଦ୍ର ମଲ୍ଲିକ ପ୍ରମୁଖ ଏଥିରେ ଯୋଗଦେଇଥିଲେ। ଶେଷରେ ବିଧାୟକଙ୍କ ପାଇଁ ପବିତ୍ର ଶାରଳା ମାଟି ଆଜି ଅପବିତ୍ର ହୋଇଯାଇଥିବା ଦର୍ଶାଇ ତିର୍ତ୍ତୋଲ ଯୁବ କଂଗ୍ରେସ କର୍ମକର୍ତ୍ତା ଲକ୍ ଛକଠାରେ ବିଧାୟକଙ୍କ ନାମ ଥିବା ଫଳକ ସ୍ଥାନରେ ଗୋବର ପାଣି ସିଞ୍ଚନ କରିଥିଲେ।

## ମାହାଳ ନାଟକ ପ୍ରତିଯୋଗିତା ୧୮ରୁ ୨୧ ତାରିଖ

କୁଜଙ୍ଗ, ୧୪।୭ (ଡି.ଏନ୍.ଏ.)

ଏରସମା ବ୍ଲକ ଅନ୍ତର୍ଗତ ଢିଙ୍କିଆ ପଞ୍ଚାୟତର ମାହାଳ ଗାଁରେ ମୁକ୍ତ ମଞ୍ଚ ନାଟକ ପ୍ରତିଯୋଗିତା ଆସନ୍ତା ୧୮ରୁ ୨୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଦୀର୍ଘବର୍ଷ ପରେ ଢିଙ୍କିଆ ଗ୍ରାମରୁ ଅଲଗା ହୋଇ ପଡା ଗ୍ରାମ ମାହାଳ ଏକ ସ୍ୱତନ୍ତ୍ର ରାଜସ୍ୱ ଗ୍ରାମର ମାନ୍ୟତା ପାଇବା ପରେ ଏହି ସ୍ମରଣୀୟ ବର୍ଷକୁ ମନେରଖିବା ପାଇଁ ଚଳିତବର୍ଷଠାରୁ ପ୍ରତ୍ୟେକ ବର୍ଷ ଏହି ନାଟକ ପ୍ରତିଯୋଗିତା ଲକ୍ଷ୍ୟ ନେଇ ଗ୍ରାମବାସୀ ପ୍ରଚେଷ୍ଟା ଆରମ୍ଭ କରିଛନ୍ତି। ଏହି ନାଟକ ପ୍ରତିଯୋଗିତା ପାଇଁ ବୁଧବାର ଲଟେରି କରାଯାଇ ଖସଡା ପ୍ରସ୍ତୁତ କରାଯାଇଛି। ଲଟେରି ଉଠାଣ କାର୍ଯ୍ୟକ୍ରମରେ ମାହାଳ



ଗ୍ରାମ୍ୟ କମିଟି ସଭାପତି ଅନିରୁଦ୍ଧ ପରିଡା, ଢିଙ୍କିଆ ସରପଞ୍ଚ କିଶୋର ପରିଡା, ଢିଙ୍କିଆ ସେବା ସମବାୟ ସମିତି ସଭାପତି ଅକ୍ଷୟ ବେହେରା, ନାଟ୍ୟ ନିର୍ଦ୍ଦେଶକ ରଞ୍ଜନ ବର୍ଦ୍ଧନ, ବିକ୍ରମ ମହାପାତ୍ର, ଚନ୍ଦନ କୁମାରଙ୍କ ସମେତ ଗାଁ ମୁରବି ବିଷ୍ଣୁ ଚରଣ ନାୟକ, ପ୍ରେମାନନ୍ଦ ପରିଡା, ନବଘନ ରାଉତ, ସନ୍ତୋଷ ମହାନ୍ତି, ନୃସିଂହ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟାଳୟ ନୂତନ ପରିଚାଳନା ପରିଷଦ ଗଠିତ

ବାଲିକୁଦା, ୧୪।୭(ସ୍ୱପ୍ର)

ବାଲିକୁଦା ବ୍ଲକ କୃଷ୍ଣଦାସପୁର ପଞ୍ଚାୟତ ଦେବହତାଠାରେ ଥିବା ମା' ସରସ୍ୱତୀ ଶିଶୁ ମନ୍ଦିରର ନୂତନ ପରିଚାଳନା ପରିଷଦ ବୁଧବାର ଗଠନ କରାଯାଇଛି। ପୂର୍ବ ପରିଷଦର ଅବଧି ଡିସେମ୍ବରରୁ ଶେଷ ହୋଇଯାଇଥିବାରୁ ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନର ନିୟମ ଅନୁଯାୟୀ ନୂତନ ପରିଷଦର ଆବଶ୍ୟକତା ପଡ଼ିଥିଲା। ବିଦ୍ୟାଳୟ ପରିସରରେ ଅଭିଭାବକ ମଣ୍ଡଳୀର ବୈଠକର ଆହ୍ୱାନ କରାଯାଇ ପରିଷଦ ଗଠନ କରାଯିବା ସହ ସଭାପତି ଭାବେ ଉତ୍କଳ କେଶରୀ ରଥ, ଉପସଭାପତି ବାଇଧର ସାହୁ, ସମ୍ପାଦକ ବିଧାନ ରାଉଳ, ସହସମ୍ପାଦକ ସୂର୍ଯ୍ୟକାନ୍ତ ମହାନ୍ତି, କୋଷାଧକ୍ଷ ସୁଦର୍ଶନ ବିଶ୍ୱାଳଙ୍କୁ ମନୋନୟନ କରାଯାଇଛି। ଉକ୍ତ ପରିଷଦରେ ପ୍ରଧାନ ଆଚାର୍ଯ୍ୟ ଦିଲୀପ ପରିଡ଼ା, ଆଚାର୍ଯ୍ୟ ପ୍ରତିନିଧି ସୁଭଦ୍ରା ଦାସ, ଅନୁସୂଚିତ ମହିଳା ସଦସ୍ୟା ଭାବେ ଜ୍ୟୋତିର୍ମୟୀ ତରାଇ, ଅନାଦି ଚରଣ ସ୍ୱାଇଁ, ସୁମିତ୍ରା ରାଉତ, ମାଧବ ଚନ୍ଦ୍ର ନାୟକ, ବିଶ୍ୱଜିତ୍ ବାରିକ, ସଂସ୍ଥାନ ପକ୍ଷରୁ ଲକ୍ଷ୍ମୀଧର ଆଚାର୍ଯ୍ୟ, ଅତିରିକ୍ତ ସଦସ୍ୟ ଭାବେ ପ୍ରକାଶ ଦାସ ଓ ସୌମ୍ୟରଞ୍ଜନ ରଥଙ୍କୁ ସଦସ୍ୟ ଭାବେ ପରିଗଣିତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ପ୍ରଧାନ ଆଚାର୍ଯ୍ୟ ପରିଡ଼ାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପୂର୍ବତନ ସମ୍ପାଦକ ନିରଞ୍ଜନ ପଣ୍ଡା, ଲକ୍ଷ୍ମୀଧର ଆଚାର୍ଯ୍ୟ, କଟକ ଜଲା ପ୍ରମୁଖ ଧରଣୀଧର ବାରିକ, ବିଦ୍ୟାଳୟ ପ୍ରତିଷ୍ଠାତା ସତ୍ୟବ୍ରତ ରଥ, ଶଙ୍କର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

## ମନ୍ଦିର ସେବକଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଦାବି

ରଘୁନାଥପୁର, ୧୪।୭(ଡି.ଏନ.ଏ.)

**ଗୋରେଖନାଥ ପୀଠରେ ବୋଲବମ୍ ଯାତ୍ରା**

କରୋନା ପାଇଁ ଦୁଇବର୍ଷଧରି ରଘୁନାଥପୁର ବ୍ଲକ କେରେକେରାସ୍ଥିତ ବିଭୂତିକ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠରେ ବୋଲବମ୍ ଭକ୍ତଙ୍କ ପାଇଁ ମାନସିକ ଜଳ ଲାଗି ବ୍ୟବସ୍ଥା ବନ୍ଦ ରହିଥିଲା। ଚଳିତବର୍ଷ ପ୍ରଭୁଙ୍କ ନିକଟରେ ଜଳ ଲାଗି ପାଇଁ ଆଶାତୀତ ମାନସିକଧାରୀଙ୍କ ଆଗମନ ହେବାର ଅନୁମାନ କରାଯାଉଛି। ଏହି ପରିପ୍ରେକ୍ଷୀରେ ମନ୍ଦିରର ସୁରକ୍ଷା ଓ ପ୍ରଭୁଙ୍କ ସେବାନୀତି ପାଇଁ ନିୟୋଗ ଥିବା ସେବକଙ୍କ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ବରିଷ୍ଠ ସେବକଙ୍କ ପକ୍ଷରୁ ଦାବି ହେଉଛି। ପାଣିଭାର ନେଇ ଆସିଥିବା ଭକ୍ତମାନେ ଅନେକ ସମୟରେ ଗହଳି ଯୋଗୁ ମନ୍ଦିର ଚତୁଃପାର୍ଶ୍ୱରେ ଥିବା ପାର୍ଶ୍ୱ ଦେବାତାଙ୍କ ଉପରେ ପାଣି ଢାଳି ଦେଉଥିବାରୁ ମୂର୍ତ୍ତିଗୁଡ଼ିକ ଭାଙ୍ଗି ବିକୃତ ହୋଇଯାଉଛି। ଏଣୁ ମନ୍ଦିର ଚତୁଃପାର୍ଶ୍ୱରେ ପୋଲିସ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିବାକୁ ସେବାୟତଙ୍କ ପକ୍ଷରୁ କୁହାଯାଇଛି। ହଜାର ହଜାର ଭକ୍ତଙ୍କ ଆବେଗକୁ ଦୃଷ୍ଟିରେ ରଖି ସେମାନଙ୍କ ସେବାରେ ନିୟୋଜିତ ଥିବା ପାଳିଆ ସେବକଙ୍କ ସହ ଅନ୍ୟ ସେବକଙ୍କୁ ମନ୍ଦିର ପ୍ରଶାସନ ପକ୍ଷରୁ ପାରିଶ୍ରମିକ ଯୋଗାଇଦେବା ପାଇଁ ଦାବି ହୋଇଛି। ଏତଦ୍‌ବ୍ୟତୀତ ରାତିରେ ପହଡ଼ ପଡିବା ପରେ ଅନେକ ସମୟରେ ଦନ୍ତାଘାତ ରୋଗୀ ପ୍ରଭୁଙ୍କ ଶରଣରେ ଆସୁଥିବାରୁ ଅନ୍ତତପକ୍ଷେ ଜଣେ ସେବକଙ୍କ ରାତ୍ର ରହଣିର ବ୍ୟବସ୍ଥା, ପୀଠରେ ଅନୁଷ୍ଠିତ ବିବାହ, ବ୍ରତ ଆଦିରେ ମନ୍ଦିର ପାଇଁ ମହାସୁଲ ବ୍ୟବସ୍ଥା ଥିବାବେଳେ ସେବକଙ୍କ ପାଉଣା ପ୍ରତି ଦୃଷ୍ଟିଦେବା ଓ ସର୍ବପରେ ଦେବୋତ୍ତର ଆୟୁକ୍ତଙ୍କ ପକ୍ଷରୁ ପ୍ରତ୍ୟେକ ସେବକଙ୍କୁ ପରିଚୟପତ୍ର ଯୋଗାଇଦେବାକୁ ଦିଲୀପ କୁମାର ପଣ୍ଡା, ନିରଞ୍ଜନ ଦାଶ, ଗୋଲେଖ ବିହାରୀ



ଦାଶ, ଜ୍ଞାନରଞ୍ଜନ ପଣ୍ଡା ଓ ସୁଦର୍ଶନ ଦାଶ ଜିଲାପାଳଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି।

## ବିରିଡ଼ିରେ ୬ ସମବାୟ ସମିତି ସଭାପତି ନିର୍ବାଚନ ଶେଷ

ବାଲିଆ, ୧୪।୭

ବିରିଡି ବ୍ଲକରେ ଥିବା ୬ଟି ସମବାୟ ସମିତିର ସଭାପତି ନିର୍ବାଚନ ଶେଷ ହୋଇଯାଇଛି। ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ନିର୍ବାଚନରେ ୬ଟି ଯାକ ସଭାପତି ପଦ ବିଜେଡିକୁ ଚାଲିଯାଇଛି। ଏହି ନିର୍ବାଚନକୁ ପରିଚାଳନା କରିବା ଏବଂ ସମସ୍ତ ସମିତିକୁ ଅକ୍ତିଆର କରିବାକୁ କେବଳ ବିରିଡି ବ୍ଲକ ବିଜେଡି ପକ୍ଷରୁ ଏକ କମିଟି ଗଠନ କରାଯାଇଥିଲା। ଏହି କମିଟିର ଅଧ୍ୟକ୍ଷ ଭାବେ ଯୁବନେତା ଦେବୀ ପ୍ରସାଦ ତ୍ରିପାଠୀ, ବରିଷ୍ଠ ବିଜେଡି ନେତା ରବିନାରାୟଣ ଜେନା, ବ୍ଲକ ସଭାପତି ରବୀନ୍ଦ୍ର ରାଉଳ, ଜିଲାପରିଷଦ ଚନ୍ଦ୍ରଶେଖର ଦାଶ, ବ୍ଲକ ଅଧକ୍ଷା ମମତା ପାତ୍ର, ଉପଧକ୍ଷା ପିନାକୀ ପ୍ରିୟଦର୍ଶିନୀ, ଶିବ ପ୍ରସାଦ ଜେନା, ସୁଶାନ୍ତ ବସ୍ତିଆ, ବିଭୂତି ରାୟ, ନେତ୍ରାନନ୍ଦ ପାତ୍ର, ସୁବାସ ନାୟକ, ପ୍ରଦୀପ୍ତ ଭୂୟାଁ, ମିର୍‌ଆଜମିର ଅଲ୍ଲୀ, ପୁଷ୍ପଲତା ସିଂ, ସମିତିସଭ୍ୟ ଅଭୟ ଜେନା, ରଶ୍ମିରଞ୍ଜନ ବେହେରା, ସବ୍ୟସାଚୀ ଶତପଥୀ, ସମ୍ପୂର୍ଣ୍ଣାନନ୍ଦ ମିଶ୍ର, ସରପଞ୍ଚ, ସମିତିସଭ୍ୟମାନଙ୍କ ନିର୍ବାଚନର ନେତୃତ୍ୱ ନେଇଥିଲେ। ଅଢଙ୍ଗଗଡ, ପୁରଣ, ମଙ୍ଗୁଲି, ଗୋପୀନାଥପୁର, ଉତ୍ତର ଶାସନ, ଅଲାଣ୍ଡୋ ସେବା ସମବାୟ ସମିତି ନିର୍ବାଚନରେ ବିଜେଡି ପ୍ରାର୍ଥୀ ବିଜୟ ଲାଭ କରିଛନ୍ତି। ଅଢଙ୍ଗଗଡରୁ ପଦ୍ମନାଭ ଭୋଇ, ମଙ୍ଗୁଲିରୁ ରବୀନ୍ଦ୍ର କୁମାର ସାହୁ, ପୁରଣରୁ ନନ୍ଦକିଶୋର ବସ୍ତିଆ, ଗୋପୀନାଥପୁରରୁ ବିକ୍ରମ ସାହୁ, ଉତ୍ତରଶାସନରୁ ଅକ୍ଷୟ ବ୍ରହ୍ମା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ବେଳେ ଅଲାଣ୍ଡୋରେ ସୂର୍ଯ୍ୟକାନ୍ତ ମଲିକ ଓ ଗଦାଧର ଜେନାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏଥିରେ ସୂର୍ଯ୍ୟକାନ୍ତ ବିଜୟ ଲାଭ କରିଥିଲେ। ବିରିଡିର ସମବାୟ ନିର୍ବାଚନରେ ବିଜେଡିର ସମସ୍ତ ପ୍ରାର୍ଥୀ ଜିତିଥିବାରୁ ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ, ଏମ୍‌ପି ଡା. ରଜଶ୍ରୀ ମଲିକ, ଶାସକ ଦଳର ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି ପ୍ରମୁଖ ବ୍ଲକର ନେତୃମଣ୍ଡଳୀ ଓ ସମସ୍ତ ବିଜୟୀ ସଭାପତିଙ୍କୁ ସାଧୁବାଦ ଜଣାଇଛନ୍ତି।

## କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ଚିଠି ଲେଖିଲେ ଏସ୍‌ପି

- ବିଧାୟକଙ୍କ ନାଁରେ ସେକ୍ସ ରାକେଟ୍ ଚଳାଇବା ମାମଲା
- ଥାନାରେ ଏତଲା ଦେଇଥିଲେ ପ୍ରେମିକା ସୋମାଲିକା

ଜଗତ୍‌ସିଂହପୁର ଅଫିସ, ୧୪।୭

ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ(୩୦) ଓ ତାଙ୍କ ପ୍ରେମିକା ତଥା ଜଗତ୍‌ସିଂହପୁର ଥାନା ଦେଉଳୀ ଗ୍ରାମେଶ୍ୱର ଗାଁର ସଂଗ୍ରାମ କେଶରୀ ଦାଶଙ୍କ ଝିଅ ସୋମାଲିକା(୨୯)ଙ୍କ ବିବାହ ପ୍ରସଙ୍ଗ ଭିନ୍ନ ମୋଡ ନେଇଛି। ଜୁନ ୧୮ ତାରିଖରେ ସୋମାଲିକା ଜଗତ୍‌ସିଂହପୁର ଥାନାରେ ବିଧାୟକ ଦାସଙ୍କ ସମେତ ୮ରୁ ଅଧିକ ଲୋକଙ୍କ ନାଁରେ ଅଭିଯୋଗ କରିଥିଲେ। ଏପରି କି ବିଧାୟକ ତାଙ୍କୁ ଠକିବାକୁ ଉଦ୍ୟମ ସହ ସେକ୍ସ ରାକେଟ୍ ଓ ବେଶ୍ୟାଳୟ ଚଳାଇଥିବା ଭଳି ସଙ୍ଗିନ ଅଭିଯୋଗ ଆଣିଥିଲେ। ଏ ନେଇ ପୋଲିସ ନଂ. ୩୭୯/୨୨ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। କିନ୍ତୁ ଗତ ୪ ତାରିଖରେ ଜଗତ୍‌ସିଂହପୁର ଏସ୍‌ପି ଅଖିଳେଶ୍ୱର ସିଂ ଏହି ମାମଲାର ତଦନ୍ତ କ୍ରାଇମବ୍ରାଞ୍ଚ ସିଆଇଡି କରିବାକୁ ବିଭାଗର ଅତିରିକ୍ତ ପୋଲିସ ଡିଜିଙ୍କୁ ଚିଠି ମାଧ୍ୟମରେ ଅନୁରୋଧ କରିଛନ୍ତି। ଚିଠିରେ ଉଲ୍ଲେଖ ଅଛି, ସୋମାଲିକାଙ୍କ ସଙ୍ଗିନ ଅଭିଯୋଗକୁ ନେଇ ରାଜନୈତିକ ଓ ସାମାଜିକ ଗଣମାଧମରେ ହୋହଲ୍ଲା ହେଉଛି।


IGP, CR, CTC
CRIME CON
ACCTS P.S.
GEN. RHM

Odisha Police,
District Hdqrs., Jagatsinghpur.

No. 3129 /SR

Dt. 04.07.2022

To
The Addl. D.G of Police,
CID, CB, Odisha, Cuttack.
(T) I.G. of Police, CR, Cuttack.

Ref: Jagatsinghpur PS Case No. 397 dt.18.06.2022 U/s 420/195-A/506-B/294/509/341/120-B/34 IPC/Sec.3/4/5/6 Immoral Traffic (Prevention) Act(SR No.156/2022)

Sub: Request to take charge of investigation.

With reference to the subject cited above, it is to intimate that basing on the written report of Compl. Somalika Dash D/o: Sangram Keshari Dash of Vil: Deuli Grameswar PS/Dist. Jagatsinghpur the above noted case has been registered against Sri Bijay Sankar Das S/o: Lt. Bishnu Charan Das, the sitting MLA of Tirtol, Jagatsinghpur.

The Compl. has alleged that the FIR named accused is operating sex racket and running brothel house. As a result of which there is much hue and cry over the issue politically as well as in social media. As the FIR named accused is the sitting MLA of Tirtol Assembly Constituency, it has become a sensitive issue. The Compl. also wants that the investigation of the case may be taken up by CID, CB, Odisha for impartial investigation, which has been published in print media.

Under the above circumstances, it is requested that orders may be passed that the investigation of the above noted case may be taken up by CID, CB, Odisha for a detailed investigation to the allegations of the Compl. of the case.

Superintendent of Police
Jagatsinghpur

କ୍ରାଇମବ୍ରାଞ୍ଚ ତଦନ୍ତ ଲାଗି ଏସ୍‌ପି ଅଖିଳେଶ୍ୱର ସିଂ ପଠାଇଥିବା ଚିଠି।

ଯେହେତୁ ଅଭିଯୁକ୍ତ ଜଣେ ବିଧାୟକ ତେଣୁ ତାଙ୍କ ନାଁରେ ହେଉଥିବା ଅଭିଯୋଗ ସମ୍ବେଦନଶୀଳ। ତଦନ୍ତର ନିରପେକ୍ଷତା ପାଇଁ ଅଭିଯୋଗକାରିଣୀ କ୍ରାଇମବ୍ରାଞ୍ଚ ସିଆଇଡିଙ୍କୁ ଦାୟିତ୍ୱ ଦିଆଯିବାକୁ ଚାହୁଁଥିବା ଛାପା ଗଣମାଧ୍ୟମରେ ଖବର ପ୍ରକାଶ ପାଉଛି। ତେଣୁ ତଦନ୍ତ ଭାର କ୍ରାଇମବ୍ରାଞ୍ଚ ସିଆଇଡି ନେବାକୁ ନିର୍ଦ୍ଦେଶ ଜାରି କରାଯିବାକୁ ଏସ୍‌ପି ତାଙ୍କ ଚିଠିରେ ଅନୁରୋଧ କରିଛନ୍ତି।

ବିଜୟଶଙ୍କର ଓ ସୋମାଲିକା ବିବାହ କରିବାକୁ ନିଷ୍ପତ୍ତି ନେଇ ମେ ୧୭ ତାରିଖରେ ଜଗତ୍‌ସିଂହପୁର ଜିଲା ସବ୍-ରେଜିଷ୍ଟ୍ରାର (ଡିଏସ୍‌ଆର୍)ଙ୍କ କାର୍ଯ୍ୟାଳୟରେ ପହଞ୍ଚି ଆବେଦନ କରିଥିଲେ। ଆଇନ ଅନୁଯାୟୀ କାହାର କୌଣସି ଆପତ୍ତି ଅଭିଯୋଗର ଶୁଣାଣି ପାଇଁ ୩୦ଦିନ ପର୍ଯ୍ୟନ୍ତ ସମୟ ଦିଆଯାଇଥିଲା। ୩୧ରୁ ୯୦ଦିନ ଭିତରେ ଉଭୟ ଯେକୌଣସି ଦିନ ବିବାହ ପାଇଁ ସୁଯୋଗ ରହିଛି। ଯେହେତୁ ୩୦ଦିନ ଭିତରେ କୌଣସି ଆପତ୍ତି ଅଭିଯୋଗ ହୋଇ ନ ଥିଲା, ତେଣୁ ସେମାନଙ୍କ ବିବାହରେ ଅସୁବିଧା ନ ଥିଲା। କିନ୍ତୁ ଆବେଦନର ୩୧ଦିନ ଅର୍ଥାତ ଜୁନ ୧୭ରେ ସୋମାଲିକା ବିବାହ ପାଇଁ ଦିନ ଧାର୍ଯ୍ୟ ହୋଇଥିବା କହି ସମ୍ପର୍କୀୟମାନଙ୍କ ସହ ଡିଏସ୍‌ଆର୍‌ଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସକାଳୁ ଅପରାହ୍ନ ପର୍ଯ୍ୟନ୍ତ ବିଧାୟକ ଦାସଙ୍କୁ ଅପେକ୍ଷା କରି ନିରାଶ ହେଲା ପରେ ଫେରି ଯାଉଥିବା କଥା ଗଣମାଧ୍ୟମ ଆଗରେ କହିଥିଲେ। ସେ ଏକଥା ମଧ କହିଥିଲେ, କୋର୍ଟରେ ବିବାହ ପାଇଁ ଜୁନ ୧୭ରେ ଦିନ ଧାର୍ଯ୍ୟ ହୋଇଥିଲା। ଏ ବାବଦରେ ବିଜୟଶଙ୍କରଙ୍କ ପରିବାର ସଦସ୍ୟଙ୍କ ସହ ଆଲୋଚନା ହୋଇଥିଲା। ବିବାହ ପରେ ରାତିରେ ରିଙ୍ଗ ସେରିମନି ହୋଇଥାନ୍ତା। କିନ୍ତୁ ବିଜୟଶଙ୍କର ଉପସ୍ଥିତ ହୋଇ ନ ଥିଲେ। ତେଣୁ ତାଙ୍କୁ କେହି ଅପହରଣ କରି ଥାଇପାରନ୍ତି କିମ୍ବା ଜାଣିଶୁଣି ଠକିବାକୁ ଚେଷ୍ଟା କରୁଛନ୍ତି। ଏପରି କି ଅନ୍ୟ କେଉଁଠି ତାଙ୍କର ଆଫେୟାର ଥାଇ ପାରେ ବୋଲି ଆଶଙ୍କା ପ୍ରକଟ କରିଥିଲେ। ପୂର୍ବରୁ ସେ ବିଜୟଶଙ୍କରଙ୍କ ନାଁରେ ଜଗତ୍‌ସିଂହପୁର ଥାନା ଓ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଥିବାରୁ ଏବେ ଏହି ମାମଲା ପୁନଃ ଚାଲୁ କରିବେ ବୋଲି ସୂଚନା ଦେଇଥିଲେ।

ଏହାର ଗୋଟିଏ ଦିନ ପରେ ବିଧାୟକ ତାଙ୍କ ମା'ଙ୍କ ଶରୀର ଅସୁସ୍ଥ କାରଣରୁ ଚିନ୍ତିତ ଥିବା ସୂଚନା ଦେଇଥିଲେ। ବିବାହ କରିବାକୁ କେବେ ମନା କରିନାହାନ୍ତି। ଏ ନେଇ ଆଉ ୨ ମାସ ସମୟ ଥିବାବେଳେ ସୋମାଲିକା ଓ ତାଙ୍କ ସମ୍ପର୍କୀୟମାନେ କାହିଁକି ବ୍ୟସ୍ତ ହେଉଛନ୍ତି ବୋଲି ପାଲଟା ପ୍ରଶ୍ନ କରିଥିଲେ। ତେବେ କୌଣସି ଭଲଦିନ ଦେଖି ବିବାହ କରିବାକୁ ସେ ଚିନ୍ତା କରୁଛନ୍ତି। ଏ ପରିସ୍ଥିତିରେ ତାଙ୍କ ନାଁରେ ସେକ୍ସ ରାକେଟ୍ ଓ ବେଶ୍ୟାଳୟ ଚଳାଇଥିବା ଭଳି ଅଭିଯୋଗ କରିବା ଦୁର୍ଭାଗ୍ୟଜନକ। ଏଭଳି ଅଭିଯୋଗ ମିଥ୍ୟା ଓ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ବିଧାୟକ କହିଥିଲେ।

## ସଂକ୍ଷେପରେ

### ୪ଶହ ଏକର ଜମିକୁ ମାଡ଼ିଗଲା ଜୁଆର



ରାଜନଗର,୧୪ା୭(ଡି.ଏନ.ଏ.): ପାଛଶାଳା ନଦୀର ଜୁଆର ଗୁରୁବାର ବନ୍ଧ ଡେଇଁ ଭେଡାକୁ ପଶିଛି। ଉକ୍ତ ଜୁଆର ରଙ୍ଗଣୀ ପଞ୍ଚାୟତର ପଚ୍ଚାପାରିଆ ଓ ଭେକ୍ଟାମୌଜାର ପ୍ରାୟ ୪ଶହ ଏକର ଚାଷ ଜମିରେ ମାଡି ଯାଇଛି। ଖରିଫ ଧାନ ଚାଷ ପାଇଁ ଚାଷୀମାନେ ତଳି ପକାଇଥିବା ବେଳେ ଲୁଣି ଜୁଆର ମାଡି ଯିବାରୁ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି । ବୁଧବାର ପୂର୍ଣ୍ଣିମା ଓ ଗୁରୁବାର ପ୍ରତିପଦ ତିଥି ଥିବାରୁ ଉକ୍ତ ଜୁଆର ଉଠିଛି । ପଚ୍ଚାପାରିଆ ଗାଁର ବିଶ୍ୱାଳ ଛକଠାରୁ ଭେକ୍ଟା ଛକ ଯାଏଁ ଘେରି ବନ୍ଧ ଡେଇଁ ଲୁଣି ପାଣି ଭେଡାରେ ପଶିଛି। ଏହି ୧ କି.ମି. ଘେରି ବନ୍ଧରେ ଶିବସେଠୀଙ୍କ ଘର ନିକଟରେ, ସ୍ଲୁଇସ ନିକଟରେଏବଂ ସୁବିମଳ ଖଟୁଆଙ୍କ ଘର ନିକଟରେ ୩ଟି ସ୍ଥାନରେ ଜୁଆର ବନ୍ଧ ଡେଇଁ ଭେଡାକୁ ପ୍ରବେଶ କରିଛି। ସେହିପରି ଭେକ୍ଟାବ୍ରିଜ ନିକଟ ମଞ୍ଜୁକଲାଙ୍କ ଦୋକାନ ନିକଟରୁ ସରୋଜ ମାଇତିଙ୍କ ଘର ମଧ୍ୟରେ ୨ଟି ସ୍ଥାନରେ ଜୁଆର ବନ୍ଧ ଡେଇଁ ଭେଡାକୁ ପ୍ରବେଶ କରି ଚାଷଜମିରେ ମାଡି ଯାଇଛି। ଶୁକ୍ରବାର ଦ୍ୱିତୀୟା ତିଥି ଥିବାରୁ ଅଧିକ ପାଣି ଉଠିବାର ଆଶଙ୍କା ଥିବାରୁ ଚାଷୀଙ୍କ ମଧ୍ୟରେ ଆତଙ୍କ ଖେଳି ଯାଇଛି। ତୁରନ୍ତ ଯୁଦ୍ଧକାଳୀନ ଭିତିରେ ଏହି ଘେରି ବନ୍ଧର ମରାମତି କରିବା ସହ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ଦାବି ହୋଇଛି।

### ସାଇ ମନ୍ଦିରର ରତ୍ନମୁଦ ଉତ୍ସବ

ଆଳି,୧୪ା୭(ଡି.ଏନ୍.ଏ.): କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ଡିମିରିପାଳ ପଞ୍ଚାୟତ ମଧୁବନ ଗ୍ରାମରେ ସାଇ ମନ୍ଦିରର ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମଙ୍ଗଳବାର ବନଜାଗର, କଳସପୂଜା ହେବା ସହିତ ହୋମ କାର୍ଯ୍ୟ ଆରମ୍ଭ ହୋଇଥିଲା। ବୁଧବାର ସକାଳେ ଭଜନ କୀର୍ତ୍ତନ ସହିତ ବାବା ସାଇନାଥଙ୍କୁ ଏକ ସୁସଜ୍ଜିତ ବିମାନରେ ଗ୍ରାମ ପରିକ୍ରମା କରାଯାଇଥିଲା । ହୋମ ପରେ ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ପ୍ରଦତ୍ତ ସୁନାରୁପା ଆଦି ଧାତୁଦ୍ରବ୍ୟ ଓ ଶସ୍ୟ ଦିଆଯାଇ ଦଧିନଉତି ବା ରତ୍ନମୁଦ କରାଯାଇଥିଲା । ସ୍ୱାମୀଙ୍କ ସହ ସୁକାନ୍ତ କୁମାର ରାଉତ ସଂକଳ୍ପ କରିଥିବା ବେଳେ ଶତାଧିକ ଶ୍ରଦ୍ଧାଳୁ ଏହି ଉତ୍ସବରେ ଯୋଗ ଦେଇଥିଲେ । ସୁକାନ୍ତ ରାଉତ, ପ୍ରଭାତ ରାଉତ, ପ୍ରଶାନ୍ତ ରାଉତ, ସୁବ୍ରତ ରାଉତ ପରିଚାଳନା କରିଥିବା ବେଳେ ଗ୍ରାମର ଦୁର୍ଯ୍ୟୋଧନ ସାମଲ, ଲକ୍ଷ୍ମୀନାରାୟଣ ସାମଲ, ଉପେନ୍ଦ୍ର ସାମଲ, ବାଙ୍କ ବିହାରୀ ମଲିକ, ମୁକେଶ ମଲିକ ପ୍ରମୁଖ ସହଯୋଗ କରିଥିଲେ ।

### ନିକୁ ଦାଶ ସାନଜରିଆ ସମବାୟ ସମିତି ସଭାପତି

ପଟ୍ଟାମୁଣ୍ଡାଇ,୧୪ା୭(ସ୍ୱ.ପ୍ର.): ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ସାନଜରିଆ ପ୍ରାଥମିକ କୃଷି ସମବାୟ ସମିତି ସଭାପତି ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ବିଜୁ ଜନତା ଦଳ ସମର୍ଥିତ ପାର୍ଥୀ ନିକୁ ରଞ୍ଜନ ଦାଶ ସମବାୟ ସମିତି ସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ନବ ନିର୍ବାଚିତ ନିର୍ଦ୍ଦେଶକ ଝରଣା ମଲିକ, ଅକ୍ଷୟ ସ୍ୱାଇଁ, ରାଜକିଶୋର ଦାସ, ସତ୍ୟଭାମା ବେହେରା, ସ୍ୱର୍ଣ୍ଣପ୍ରଭା ନାଥ, କଳାକାର ସାହୁ, କୁଳମଣି ବେହେରା, ହରିହର ବେହେରା, ଅରୂପ ରାଉତ, ଅଜୟ ସେଠୀ, ଭାସ୍କର ମଲିକ ପ୍ରମୁଖ ତାଙ୍କୁ ସମର୍ଥନ କରିଥିଲେ । ଆଗାମୀ ଦିନରେ ସାନଜରିଆ କୃଷି ସମବାୟ ସମିତି ସମସ୍ତ ଚାଷୀମାନଙ୍କ କଲ୍ୟାଣ ପାଇଁ କାମ କରିବ ବୋଲି ପାଇଁ ସଭାପତି ଦାଶ କହିଛନ୍ତି ।

# ଗୋଖାଦ୍ୟ ଦର ବୃଦ୍ଧି ଚାଷୀ ହନ୍ତସନ୍ତ

କେନ୍ଦ୍ରାପଡ଼ା ଅଫିସ, ୧୪ା୭

- ଦୁଗ୍ଧ ଚାଷୀଙ୍କୁ ମିଳିଲାନି ବର୍ଦ୍ଧିତ କ୍ଷୀର ଦରର ଲାଭ
- ଗୋଖାଦ୍ୟ ପ୍ରସ୍ତୁତି ଓ ବିକ୍ରି ପାଇଁ ନାହିଁ ସ୍ୱତନ୍ତ୍ର ଯୋଜନା
- ବିକଳ୍ପ ଭାବେ ସବୁଜ ଘାସ ଚାଷକୁ ମିଳୁନି ପ୍ରୋତ୍ସାହନ



କଥାରେ ଅଛି ଗୋଦରା କୋଡ଼େ ଯେତେ, ମାଡ଼େ ସେତେ। ଏପରି ଉଦାହରଣ କେନ୍ଦ୍ରାପଡ଼ା ଜିଲାର ଦୁଗ୍ଧ ଚାଷୀଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ଦୁଗ୍ଧ ଚାଷୀ ଓ ସଙ୍ଗଠନ ପକ୍ଷରୁ ହେଉଥିବା ଚାପରୁ ରାଜ୍ୟ ସରକାର ଦୁଗ୍ଧ ଲିଟର ପିଛା ୨ରୁ ୪ ଟଙ୍କା ବଢ଼ାଉଛନ୍ତି। ଏଥିରେ ଚାଷୀ ଖୁସି ହେବାକୁ ଯାଉଥିବା ବେଳେ ଗୋଖାଦ୍ୟ ଦର ବ୍ୟବସାୟୀ ବଢ଼ାଇ ଦେଉଛନ୍ତି। ଗୋଖାଦ୍ୟ କିଣିବାକୁ ଯାଇ ଚାଷୀ ବର୍ଦ୍ଧିତ ଦରର ଲାଭଠାରୁ ଅଧିକ ଟଙ୍କା ସୋମାନଙ୍କୁ ଗଣିବାକୁ ପଡୁଛି। ଆକାଶ ଛୁଆଁ ଗୋଖାଦ୍ୟ ଦରରେ ଚାଷୀ ହନ୍ତସନ୍ତ ହେଉଛନ୍ତି। ଯେଉଁ ଅଭାବ ପୂରଣ ହେବ ବୋଲି ଆନ୍ଦୋଳନ ଅଥବା ଚାପ ସୃଷ୍ଟି କରା ଯାଉଥିଲା, ତାହାର ସୁଫଳ ମିଳିଲାନାହିଁ। ରାଜ୍ୟ ସରକାର ଗୋ ଓ କୁକୁଡା ଖାଦ୍ୟ ପ୍ରସ୍ତୁତିରେ କୌଣସି ସ୍ୱତନ୍ତ୍ର ଯୋଜନା କରୁ ନ ଥିବାରୁ ବାହାର ରାଜ୍ୟର ଖାଦ୍ୟ ପ୍ରସ୍ତୁତକାରୀ ଲାଭ ଉଠାଉଛନ୍ତି। ଏପରି କି ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଘାସ ଚାଷ ପାଇଁ ପ୍ରୋତ୍ସାହନ ମିଳୁଥିବା ଦର୍ଶାଉଥିଲେ ମଧ୍ୟ ଯୋଜନାଟି ଗୋପାଳକଙ୍କ ନିକଟରେ ପହଞ୍ଚି ପାରୁନାହିଁ।

### ଗୋଖାଦ୍ୟ କିଲୋ ପ୍ରତି ୬ ଟଙ୍କା ବୃଦ୍ଧି



ଗୋଖାଦ୍ୟର ଦ୍ୱରିତ ମୂଲ୍ୟବୃଦ୍ଧି ଗୋପାଳନ ପାଇଁ ବାଧା ସୃଷ୍ଟି କରିଛି। ଯେଉଁ ସମୟରେ ଦୁଗ୍ଧ ମୂଲ୍ୟ ବୃଦ୍ଧି ହେଉଛି, ଠିକ୍ ଏହା ପରେ ଗୋଖାଦ୍ୟ ଦର ବୃଦ୍ଧି ପାଉଛି। ତାହା ମଧ୍ୟ ଆଶାଠାରୁ ଅଧିକ ମୂଲ୍ୟ ରହୁଛି। କିଲୋଗ୍ରାମ ପ୍ରତି ଟଙ୍କାଏ ଦୁଇଟଙ୍କା ବଦଳରେ ପ୍ରାୟ ୫ରୁ ୬ ଟଙ୍କା ବୃଦ୍ଧି ହେଉଛି। ଏବେ ୫୦ କେଜି ଗୋଖାଦ୍ୟ ବସ୍ତା ପ୍ରତି ୧୨୮୦ ଟଙ୍କା ରହିଥିବା ବେଳେ ଚୋକଡ ବସ୍ତା ଦାମ ୧୧୫୦ ଟଙ୍କା ହେଲାଣି। ଏତେ ଦରରେ ଗୋଖାଦ୍ୟ କିଣିବା ଫଳରେ ଚାଷୀଙ୍କୁ ମିଳୁଥିବା କ୍ଷୀରର ବର୍ଦ୍ଧିତ ଦର ବ୍ୟବସାୟୀଙ୍କ ପକେଟ୍‌କୁ ଯାଉଛି।

**– କୃତ୍ତିବାସ ଦାସ, ଦୁଗ୍ଧ ଚାଷୀ, ଗୋବିନ୍ଦପୁର, ଡେରାବିଶ।**

### ଓମ୍‌ଫେଡ ପ୍ରସ୍ତୁତ କରୁନି ଗୋଖାଦ୍ୟ



ପୂର୍ବରୁ ଓମ୍‌ଫେଡ ପକ୍ଷରୁ ଚାଷୀଙ୍କୁ ଗୋଖାଦ୍ୟ ଯୋଗାଇ ଦିଆଯାଉଥିଲା। ଏହି ଗୋଖାଦ୍ୟର ଦର ଉପରେ ସରକାରଙ୍କ କର୍ତ୍ତୃତ୍ୱ ଥିଲା। ତେବେ ପରିଚାଳନାଗତ ସମସ୍ୟା ଯୋଗୁ ଗୋଖାଦ୍ୟ ଉତ୍ପାଦନ କେନ୍ଦ୍ର ପ୍ରାୟ ୧୦ ବର୍ଷ ଧରି ବନ୍ଦ ହୋଇ ଗଲାଣି। ଏହାର ଫାଇଦା ବାହାର ରାଜ୍ୟର ବ୍ୟବସାୟୀ ନେଉଛନ୍ତି। ବାହାର ରାଜ୍ୟର ବ୍ୟବସାୟୀ ଓଡ଼ିଶାର ଗୋଖାଦ୍ୟ ଦରକୁ ଏବେ ନିୟନ୍ତ୍ରଣ କରୁଛନ୍ତି। ଏହାବ୍ୟତୀତ ପୂର୍ବରୁ ଓମ୍‌ଫେଡରୁ ମିଳୁଥିବା ଗୋଖାଦ୍ୟ ଓ ଏବେକାର ବାହର ରାଜ୍ୟର ଗୋଖାଦ୍ୟ ମଧ୍ୟରେ ବହୁତ ଫରକ ଅଛି। ବାହାର ରାଜ୍ୟର ଏହି ସାମଗ୍ରୀ ନିମ୍ନମାନର ହୋଇଥିଲେ ମଧ ଚାଷୀ କିଣିବାକୁ ବାଧ ହେଉଛନ୍ତି। ଏଥିପାଇଁ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ନୀତି ନ ଥିବା ପରି ଜଣାଯାଉଛି।

**– ଗୟାଧର ଧଳ, କୃଷକ ନେତା, କେନ୍ଦ୍ରାପଡ଼ା।**

### ଏସ୍‌ଏଚଜି ଗୋଖାଦ୍ୟ ପ୍ରସ୍ତୁତ ଦାୟିତ୍ୱ ନେଉ



ଓଡ଼ିଶା ଗୋଟିଏ କୃଷିପ୍ରଧାନ ରାଜ୍ୟ। ରାଜ୍ୟରୁ ଗୋଖାଦ୍ୟ ପ୍ରସ୍ତୁତି ପାଇଁ ଆବଶ୍ୟକ ମକା, ବାଦାମ ପିଡିଆଠାରୁ ଚୋକଡ ପର୍ଯ୍ୟନ୍ତ ସାମଗ୍ରୀ ମିଳୁଛି। ଏହା ବ୍ୟତୀତ ମିଶନ ଶକ୍ତି ମାଧ୍ୟମରେ ରାଜ୍ୟ ସରକାର ମହିଳାମାନଙ୍କୁ ସ୍ୱାବଲମ୍ବୀ କରାଇବାକୁ ଚେଷ୍ଟାରେ ଅଛନ୍ତି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚଜି) ମାଧ୍ୟମରେ ଆବଶ୍ୟକ ସାମଗ୍ରୀ ଯୋଗାଡ କରି ଗୋ ଓ କୁକୁଡା ଖାଦ୍ୟ, ମାଛ ଖାଦ୍ୟ ଆଦି ପ୍ରସ୍ତୁତ କରିପାରିବେ। ପ୍ରତି ଜିଲାରେ ସଂଗୃହୀତ ସାମଗ୍ରୀକୁ ନେଇ ଅନ୍ୟୂନ ଗୋଟିଏ ଲେଖାଏ ୟୁନିଟ କାରଖାନା ପ୍ରସ୍ତୁତ କରି ଓର୍‌ମାସ ମାଧ୍ୟମରେ ବିକ୍ରି କରିପାରିବେ। ଏ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ନୀତି ପ୍ରଣୟନ ହେଲେ ଗୋ ଓ କୁକୁଡା, ମାଛ ଚାଷ ପାଇଁ ଖାଦ୍ୟ ଅଭାବ ରହିବନାହିଁ। ଏଥିସହ ବାହାର ରାଜ୍ୟ ବ୍ୟବସାୟୀଙ୍କ ଦୌରାତ୍ମ୍ୟ କମି ପାରିବ।

**– ମନ୍ମଥ କୁମାର ରାଉତ, ସାମାଜିକ କର୍ମୀ, କେନ୍ଦ୍ରାପଡ଼ା**

### ଯୁବବର୍ଗଙ୍କୁ ସବୁଜ ଘାସ ଚାଷ ପାଇଁ ପ୍ରୋତ୍ସାହିତ କରାଯାଉ



ଗୋଖାଦ୍ୟ ଭାବେ ସବୁଜ ଘାସ ଉପଯୁକ୍ତ। ଗ୍ରାମାଞ୍ଚଳରେ ଏଥିପାଇଁ ଯଥେଷ୍ଟ ଭିତ୍ତିଭୂମି ଅଛି। କ୍ଷେତଠାରୁ ଆରମ୍ଭ କରି ଯୁବ ଶ୍ରମିକଙ୍କ ଅଭାବ ରହିବ ନାହିଁ। ତେବେ ରାଜ୍ୟ ସରକାର ଏ ନେଇ ସ୍ୱତନ୍ତ୍ର ନୀତି ପ୍ରଣୟନ କରି ଯୁବବର୍ଗଙ୍କୁ ସବୁଜ ଘାସ ସୃଷ୍ଟି ପାଇଁ ପ୍ରୋତ୍ସାହିତ କରିବା ଆବଶ୍ୟକ। କୃଷି ଉଦ୍ୟାନ ବିଭାଗ ପକ୍ଷରୁ ଏ ନେଇ ଯୋଜନା ଥିଲେ ମଧ୍ୟ ଏହା ତୃଣମୂଳସ୍ତରରେ ପହଞ୍ଚି ପାରୁନାହିଁ। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଏହାକୁ ପ୍ରୋତ୍ସାହିତ କରିବା ସହ ସବୁଜ ଘାସ ପାଇଁ ଉପଯୁକ୍ତ କ୍ଷେତ ପ୍ରସ୍ତୁତି, ତାଲିମ, ବିହନ ଯୋଗାଣ ଆଦିକୁ ଗୁରୁତ୍ୱ ଦିଆଯାଉ। ଫଳରେ ଯୁବବର୍ଗ ଗୋପାଳନ, ଛେଳିମେଣ୍ଢା ଓ କୁକୁଡା ପାଳନ ଆଦିରେ ମନ ବଳାଇବେ।

**– ନୀହାର ରଞ୍ଜନ ପ୍ରଧାନ, ସାମାଜିକ କର୍ମୀ, ଛୋଟି, କେନ୍ଦ୍ରାପଡ଼ା।**

# ଡେରାବିଶ ମହିଳା ଶିଶୁ ସମନ୍ୱିତ ବିଭାଗରେ ଦୁର୍ନୀତି

### ପ୍ରାଥମିକ ଚିକିତ୍ସା, ଖେଳଣା କିଟ୍ ଯୋଗାଣରେ ଅନିୟମିତତା

ଡେରାବିଶ,୧୪ା୭(ସ୍ୱ.ପ୍ର.)

ଶିଶୁମାନଙ୍କ ସାମଗ୍ରୀକ ବିକାଶ ପାଇଁ ସମନ୍ୱିତ ଶିଶୁ ବିକାଶ ଯୋଜନାରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଥିବା ବେଳେ କେନ୍ଦ୍ରପଡ଼ା ଜିଲା ଡେରାବିଶ ବ୍ଲକ୍ ଅଧୀନ ଅଙ୍ଗନୱାଡି କେନ୍ଦ୍ରକୁ ପ୍ରାଥମିକ ଚିକିତ୍ସା କିଟ୍ ଓ ଖେଳଣା କିଟ୍ ଯୋଗାଣରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି । ଦୁର୍ନୀତିର ଚେର ଏତେ ଲମ୍ବିଛି ଯେ ଏହି ଯୋଜନା ଶିଶୁ ବିକାଶ ନା ଶିଶୁ ବିନାଶ ବୋଲି ବୁଦ୍ଧିଜୀବିମାନେ ପ୍ରଶ୍ନ କରିଛନ୍ତି ।



ଅଙ୍ଗନୱାଡ଼ିକୁ ଯୋଗାଇ ଦିଆଯାଇଥିବା ପ୍ରାଥମିକ ଚିକିତ୍ସା କିଟ୍ ।

ସୂଚନା ଅନୁଯାୟୀ, ବ୍ଲକ ଅଧୀନ ୨୬ ପଞ୍ଚାୟତରେ ୩୨୪ ଅଙ୍ଗନୱାଡି ଓ ମିନି ଅଙ୍ଗନୱାଡି କେନ୍ଦ୍ର ରହିଛି । ଏହି କେନ୍ଦ୍ରରେ ଶତାଧିକ ଶିଶୁଙ୍କ ଭବିଷ୍ୟତ ଗଢା ହେଉଥିବା ବେଳେ ନିକଟରେ ପ୍ରତି କେନ୍ଦ୍ରକୁ ପ୍ରାଥମିକ ଚିକିତ୍ସା କିଟ୍ ଓ ଖେଳଣା କିଟ୍ ଯୋଗାଇ ଦିଆଯାଇଛି । ପ୍ରତି ପ୍ରାଥମିକ ଚିକିତ୍ସା କିଟ୍ ପାଇଁ ୧୫ଶହ ଟଙ୍କା ଓ ଖେଳଣା କିଟ୍ ପାଇଁ ୨୫ଶହ ଟଙ୍କା ବ୍ୟୟ ବରାଦ ହୋଇଛି । ହେଲେ ଏଥିରେ ବଡ ଧରଣର ଦୁର୍ନୀତି ହୋଇଛି ବୋଲି ବହୁ ଅଙ୍ଗନୱାଡି କର୍ମୀ ପ୍ରକାଶ କରିଛନ୍ତି । ଆଶ୍ଚର୍ଯ୍ୟର କଥା ଏହି କିଟ୍ କିଣିବା ପାଇଁ ଅଙ୍ଗନୱାଡି କର୍ମୀଙ୍କ ବ୍ୟାଙ୍କ ଜମା ଖାତାକୁ ଟଙ୍କା ପଠାଯାଇଥିବା ବେଳେ କେତେଜଣ ବ୍ୟକ୍ତି ଅଙ୍ଗନୱାଡି କେନ୍ଦ୍ରମାନଙ୍କୁ ଏହି କିଟ୍‌ଗୁଡିକ ଜବରଦସ୍ତ ଦେଇ ଟଙ୍କା ନେବା ପାଇଁ ଜୁଲମ କରୁଥିବା ଅଭିଯୋଗ ହୋଇଛି । ଏପରିକି ପ୍ରାଥମିକ ଚିକିତ୍ସା କିଟ୍ ମୂଲ୍ୟ ୧୫ଶହ ଟଙ୍କା ସ୍ଥିର ହୋଇଥିବା ବେଳେ ଯୋଗାଇ ଦିଆଯାଇଥିବା କିଟ୍‌ରେ ୫ଶହରୁ ୭ଶହ ଟଙ୍କା ହେବ ବୋଲି ଦେଖିବାକୁ ମିଳିଛି । ସେହିପରି ଖେଳଣା କିଟ୍‌ର ମୂଲ୍ୟ ୨ହଜାର ୫ଶହ ଟଙ୍କା ହୋଇଥିବା ବେଳେ କେନ୍ଦ୍ରମାନଙ୍କୁ ଦିଆଯାଇଥିବା କିଟ୍‌ରେ ଯେଉଁ ଖେଳଣା ରହିଛି ତାହାର ମୂଲ୍ୟ ୮ଶହରୁ ୧ହଜାର ଟଙ୍କା ମଧ୍ୟରେ ହେବ ବୋଲି ଅଭିଯୋଗ ହୋଇଛି । ଏହି ଘଟଣାକୁ ନେଇ ବିଭିନ୍ନ ଗ୍ରାମରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ।

ଏ ସମ୍ପର୍କରେ ବ୍ଲକ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରିଣୀ ସ୍ନେହଲତା ସାହୁଙ୍କୁ ପଚାରିବାରୁ ସେ ଅଙ୍ଗନୱାଡି କର୍ମୀଙ୍କୁ ପରୋକ୍ଷରେ ଦାୟୀ କରିଛନ୍ତି । ଏହି କିଟ୍ କିଣିବା ପାଇଁ କର୍ମୀଙ୍କ ଆକାଉଣ୍ଟକୁ ଟଙ୍କା ଯାଇଥିବା ବେଳେ ସେମାନେ ନ କିଣି ବାହାର ଲୋକଙ୍କଠାରୁ କାହିଁକି କିଣିଲେ ବୋଲି କହିଥିଲେ । ଏ ସମ୍ପର୍କରେ ସେ ବିଭିନ୍ନ କେନ୍ଦ୍ରକୁ ଯାଇ ଅନୁଧ୍ୟାନ କରିବେ ବୋଲି କହିଛନ୍ତି । ଭେଣ୍ଡରମାନଙ୍କୁ କାର୍ଯ୍ୟାଳୟ ତରଫରୁ କିଟ୍ ଯୋଗାଇ ଦେବାକୁ ଅଘୋଷିତ ଭାବେ ଅନୁମତି ପ୍ରଦାନ କରାଯାଇଛି ବୋଲି ଅଙ୍ଗନୱାଡି କର୍ମୀମାନେ ଅଭିଯୋଗ କରିଥିବା ବେଳେ ଶିଶୁ ବିକାଶ ଯୋଜନା ଅଧିକାରିଣୀ ଏହାକୁ ଖଣ୍ଡନ କରିଛନ୍ତି । ଯଦି ବାଡ ଫସଲ ଖାଏ ତେବେ ଫସଲର ସୁରକ୍ଷା କିଏ ଦେବ, ସମନ୍ୱିତ ଶିଶୁ ବିକାଶ ଯୋଜନା ଶିଶୁ ବିନାଶ ଯୋଜନାରେ ପରିଣତ ନ ହେବା ପାଇଁ ଏହାର ତଦନ୍ତ ଜରୁରୀ ବୋଲି ପୂର୍ବତନ ଜିଲା ପରିଷଦ ସଭ୍ୟ ରଘୁନାଥ ଶତପଥି ଦାବି କରିଛନ୍ତି ।

### ଦଧିବାମନ, କଳ୍ପତରୁ ସଭାପତି ନିର୍ବାଚିତ

ରାଜନଗର,୧୪ା୭(ଡି.ଏନ.ଏ.)

ସମବାୟ ନିର୍ବାଚନ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଗୁରୁବାର ରାଜନଗର ବ୍ଲକର ରାଜନଗର ପ୍ରାଥମିକ କୃଷି ସେବା ସମବାୟ ସମିତି ଓ ଭାଟପଡା ପ୍ରାଥମିକ କୃଷି ସେବା ସମବାୟ ସମିତିରେ ସଭାପତି ନିର୍ବାଚନ ପାଇଁ ନାମାଙ୍କନ ଦାଖଲ ହୋଇଥିଲା। ଦୁଇଟି ସେବା ସମବାୟ ସମିତିରେ ଜଣେ ଲେଖାଏଁ ସଭାପତି ପଦ ପାଇଁ ନାମାଙ୍କନ ପତ୍ର ଦାଖଲ କରିବାରୁ ନିର୍ଦ୍ୱନ୍ଦ୍ୱରେ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି । ରାଜନଗର ସେବାସମବାୟ ସମିତିରେ ବରିଷ୍ଠ ସାମାଜିକ କର୍ମୀ ଦଧିବାମନ ଭୂୟାଁ ସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ସେହିପରି ଭାଟପଡା ପ୍ରାଥମିକ କୃଷି ସେବା ସମବାୟ ସମିତିରେ କଳ୍ପତରୁ ଜେନା ଏକମାତ୍ର ସଭାପତି ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଥିଲେ। ତାଙ୍କୁ ବିଜୟ ଘୋଷଣା କରାଯାଇଛି। ସଭାପତି ନିର୍ବାଚନ ସମୟରେ ସେବା ସମବାୟ ସମିତି କାର୍ଯ୍ୟାଳୟରେ ନିର୍ବାଚନ ଅଧିକାରୀ ଭାବେ ବିଜୟ କୁମାର ସେଠୀ ନିର୍ବାଚନ ପରିଚାଳନା କରିଥିଲେ। ଏହି ସମୟରେ ସାନବଡ ଗୋପାଳପୁର ପଞ୍ଚାୟତର ସରପଞ୍ଚ ଗୋଲେଖ କୁମାର ସ୍ୱାଇଁ, ସମବାୟବିତ୍ ଅକ୍ଷୟ କୁମାର ସ୍ୱାଇଁ, କ୍ଷରୋଦ କୁମାର ରାଉତ, ଆଶିଷ କୁମାର ସ୍ୱାଇଁ, ବସନ୍ତ କୁମାର କୁଣ୍ଡ, ଧର୍ମେନ୍ଦ୍ର ପରିଡା, ରାଜକିଶୋର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



### ଛାତ୍ରଙ୍କ ହାତରେ ଅନ୍‌ଲାଇନ୍ ସାମଗ୍ରୀ ମଗାଇଲେ ଶିକ୍ଷୟିତ୍ରୀ






୨ ଛାତ୍ରଙ୍କ ହାତରେ ଶିକ୍ଷୟିତ୍ରୀଙ୍କ ଅନ୍‌ଲାଇନ୍ ସାମଗ୍ରୀ ଧରିଛନ୍ତି।

ମହାକାଳପଡ଼ା,୧୪ା୭(ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ଏକ ସ୍କୁଲର ଜଣେ ଶିକ୍ଷୟିତ୍ରୀ ୨ ଛାତ୍ରଙ୍କୁ ପାଠପଢ଼ା ସମୟରେ ଅନ୍‌ଲାଇନ ସାମଗ୍ରୀ ଆଣିବାକୁ ନିକଟସ୍ଥ ବଜାରକୁ ପଠାଇଥିବା ଏକ ଭିଡିଓ ଭାଇରାଲ୍ ହୋଇଛି । ସମ୍ପୃକ୍ତ ଛାତ୍ରଦ୍ୱୟ ନିକଟସ୍ଥ ଛକକୁ ଯାଇ ଡେଲିଭରି ବୟଙ୍କଠାରୁ ସେହି ସାମଗ୍ରୀ ଗ୍ରହଣ କରୁଥିବା ଦେଖିବାକୁ ମିଳିଛି । ଏହାକୁ ନେଇ ଅଭିଭାବକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ସ୍କୁଲ ସମୟରେ ୨ ଛାତ୍ରଙ୍କୁ ଡେଲିଭରି ବୟଙ୍କ ପାଖକୁ ପଠାଯିବା ଘଟଣାକୁ ସ୍ଥାନୀୟ ଲୋକେ ସମାଲୋଚନା କରିଛନ୍ତି । ଏ ସମ୍ପର୍କରେ ମହାକାଳପଡ଼ା ବ୍ଲକ ଶିକ୍ଷା ଅଧିକାରୀ ତନ୍ମୟ କୁମାର ବେହେରାଙ୍କୁ ପଚାରିବାରୁ ସେହି ସ୍କୁଲର ପ୍ରଧାନଶିକ୍ଷକଙ୍କୁ ଏ ସଂକ୍ରାନ୍ତରେ ଚିଠି ଲେଖା ଯାଇ ଏହି ଘଟଣାର ତୁରନ୍ତ ତଦନ୍ତ ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଛି ବୋଲି କହିଛନ୍ତି ।

### ସ୍କୁଟି ଚାଳକଙ୍କ ବେକରୁ ସୁନାଚେନ୍ ଲୁଟ୍

ଚୌଦ୍ୱାର,୧୪ା୭(ଡି.ଏନ୍.ଏ.)

ଚୌଦ୍ୱାର ଥାନା ଅଧୀନ ଚଷାପଡା ନିକଟରେ ଜଣେ ବ୍ୟକ୍ତିଙ୍କ ବେକରୁ ସୁନାଚେନ୍ ଲୁଟ୍ ହୋଇଥିବା ଗୁରୁବାର ଅଭିଯୋଗ ହୋଇଛି। କଖଡ଼ି ପଞ୍ଚାୟତ ଅଧୀନ ବିଦ୍ୟାଧରପୁର ଗ୍ରାମର ସୁଚିତ୍ର ମହାନ୍ତି ପୂର୍ବାହ୍ନ ପ୍ରାୟ ୧୦ଟାରେ ଏକ ସ୍କୁଟିରେ ଚୌଦ୍ୱାର ଅଭିମୁଖେ ଆସୁଥିଲେ। ଏହି ସମୟରେ ପଛରୁ ଜଣେ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ତାଙ୍କ ବେକରୁ ସୁନାଚେନ୍ ଲୁଟ୍ କରି ଫେରାର ହୋଇ ଯାଇଥିଲେ। ଏନେଇ ସୁଚିତ୍ର ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩୩୭/୨୨) ରୁଜୁ କରି ତଦନ୍ତ ଚଳାଇଛି।

### ଘନଶ୍ୟାମ ସ୍ୱାଇଁ ବେଡାରୀ ସମବାୟ ସମିତି ସଭାପତି

ପାଟକୁରା, ୧୪ା୭(ଡି.ଏନ.ଏ.)

ଗରଦପୁର ବ୍ଲକ ଅଧୀନ ବେଡାରୀ ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ପାଇଁ ନିର୍ବାଚନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପଦ୍ମପୁର ଗ୍ରାମର ଘନଶ୍ୟାମ ସ୍ୱାଇଁ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେ ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ଭଜହରି ସେନାପତିଙ୍କୁ ୫/୪ ଭୋଟରେ ପରାସ୍ତ କରିଛନ୍ତି ବୋଲି ନିର୍ବାଚନ ଅଧିକାରୀ ସସ୍ମିତା ମଲ୍ଲିକ ସୂଚନା ଦେଇଛନ୍ତି। ୧୯୫୯ ମସିହାରେ ଗଠିତ ବେଡାରୀ ପ୍ରାଥମିକ କୃଷି ସମବାୟ ସମିତି ଅଧୀନରେ ବେଡାରୀ, ପଦ୍ମପୁର ଗ୍ରାମ ପଞ୍ଚାୟତ ସମେତ ପାଟକୁରା ପଞ୍ଚାୟତର ମୋଟ ୨୫୩୪ ଜଣ କୃଷକ ସଭ୍ୟ ଅଛନ୍ତି। ଏହି ସମବାୟ ସମିତିର କୃଷିଋଣ କାରବାର ପ୍ରାୟ ୩ କୋଟି ୫୦ ଲକ୍ଷରୁ ଅଧିକ ବୋଲି ଜଣାଯାଇଛି।



ନିର୍ବାଚିତ ସଭାପତି ଘନଶ୍ୟାମ ସ୍ୱାଇଁଙ୍କ ସହ ଅନ୍ୟମାନେ।

# ଇଲିଶି ଦର ଆକାଶଛୁଆଁ

### ୫୦୦ ଗ୍ରାମର ମୂଲ୍ୟ ୧ ହଜାର, ୧ କେଜି ଦାମ ୧୫୦୦, ୨ କେଜିର ମୂଲ୍ୟ ୨ରୁ ୩ ହଜାର

ମହାକାଳପଡ଼ା,୧୪ା୭ (ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ସମୁଦ୍ର ଓ ସଂଲଗ୍ନ ନଦୀରେ ଲଘୁଚାପ ପ୍ରଭାବ ଯୋଗୁ ୨ ଦିନ ହେଲା ଇଲିଶି ମାଛ ବହୁଳ ମାତ୍ରାରେ ମତ୍ସ୍ୟଜୀବୀଙ୍କ ଜାଲରେ ପଡୁଛନ୍ତି। ଇଲିଶି ମାଛର ଚାହିଦା ଥିବାରୁ ଏହାର ଦର ଆକାଶଛୁଆଁ ହୋଇଛି। ୫୦୦ ଗ୍ରାମର ଇଲିଶି ମୂଲ୍ୟ ୧ ହଜାର, ୧ କେଜିର ଦାମ ୧୫୦୦, ୨କେଜିର ମୂଲ୍ୟ ୨ରୁ ୩ ହଜାର ଟଙ୍କା ରହିଛି। ଇଲିଶି ମାଛ ଉଠିଥିବାରୁ ମତ୍ସ୍ୟଜୀବୀମାନେ ଖୁସିବ୍ୟକ୍ତ କରିଛନ୍ତି। ବଙ୍ଗୋପସାଗରରେ ଲଘୁଚାପ ପ୍ରଭାବରେ ପୂର୍ବଦିଗରୁ ପବନ ବହିବାରୁ ଗଭୀର ସମୁଦ୍ର ମଧ୍ୟରେ ଥିବା ଇଲିଶି ମାଛ ଏବେ କୂଳମୁହାଁ ହୋଇଛନ୍ତି। ସ୍ଥାନୀୟ ମତ୍ସ୍ୟଜୀବୀମାନେ ବୋଟ ନେଇ ସମୁଦ୍ର ମଧ୍ୟରେ ଜାଲ ଘେରା ଦେଇ ଇଲିଶି ମାରୁଥିବା ଜଣେ ବୋଟ୍ ମାଲିକ ସୂଚନା ଦେଇଛନ୍ତି। ମୁଖ୍ୟତଃ ପୂର୍ବ ଦିଗରୁ ପବନ ବୋହିବା ସହ ଜୁଲାଇ, ଅଗଷ୍ଟ ଓ ସେପ୍ଟେମ୍ବରରେ ବନ୍ୟା ଜଳ ନଦୀ ଦେଇ ସମୁଦ୍ରରେ ମିଶିବା ସମୟରେ ଏମାନେ କୂଳମୁହାଁ ହୋଇଥାନ୍ତି। ଏମାନେ ମଧୁର ଜଳରେ ଅଣ୍ଡା ଦେବାକୁ ଆସୁଥିବା ପରିବେଶବିତ୍‌ମାନେ ମତପୋଷଣ କରିଛନ୍ତି।



ମହାକାଳପଡା ବ୍ଲକ ମତ୍ସ୍ୟଜୀବୀଙ୍କ ଜାଲରେ ପଡିଥିବା ଇଲିଶି ମାଛ।

ଚଳିତବର୍ଷ ଇଲିଶି ଉତ୍ପାଦନ ବେଶ୍ ଅନୁକୂଳ ହେବ ବୋଲି ବ୍ଲକର ଖରିନାଶି, ବଟିଘର ଓ ଜମ୍ବୁ ଅଞ୍ଚଳର ମତ୍ସ୍ୟଜୀବୀ ତାରକା ନାଥ ସେନା, ମୃତ୍ୟୁଞ୍ଜୟ ମଣ୍ଡଳ, ବିଜୟ ମଣ୍ଡଳ, ନରେଶ ମଣ୍ଡଳ ଓ ଜୟଦେବ ଦାସ କହିଛନ୍ତି। ଇଲିଶି ଦର ଭଲ ଥିବାରୁ ବେଶ୍ ଦୁଇ ପଇସା ରୋଜଗାର ହେବ ବୋଲି ମତ୍ସ୍ୟଜୀବୀ ଆଶା ରଖିଛନ୍ତି। ଗୋଟେ ଗୋଟେ ଛୋଟ ଡଙ୍ଗାରେ ୫୦ କିଲୋରୁ ୨ରୁ ୩ କୁଇଣ୍ଟାଲ ଇଲିଶି ଜାଲରେ ପଡୁଛନ୍ତି। ପାରାଦୀପର ଇଲିଶି ମାଛ ବାଲି ପ୍ଲଟରେ ନିଲାମ ହେଉଛି ବୋଲି ମତ୍ସ୍ୟଜୀବୀ କହିଛନ୍ତି। ପୂର୍ବରୁ ଶତାଧିକ କୁଇଣ୍ଟାଲ ଇଲିଶି ପଡୁଥିବା ବେଳେ ଟ୍ରକ ଯୋଗେ ରାଜ୍ୟ ଓ ରାଜ୍ୟ ବାହାର କୋଲକାତା, ରାୟପୁର, ଆନ୍ଧ୍ରପ୍ରଦେଶକୁ ରପ୍ତାନି ହେଉଥିଲା। ଜଳବାୟୁ ପରିବର୍ତ୍ତନ ଓ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁର ଅନିୟମିତତା ଯୋଗୁ ବର୍ଷା ପରିମାଣ ହ୍ରାସ ପାଇବାରୁ ଇଲିଶି ଉତ୍ପାଦନ ଯଥେଷ୍ଟ ପରିମାଣରେ କମ୍ ହେଉଥିଲା। ହେଲେ ଏବେ ଇଲିଶି ମାଛ ଜାଲରେ ବହୁଳ ମାତ୍ରାରେ ପଡୁଛନ୍ତି। ଏ ସମ୍ପର୍କରେ ମହାକାଳପଡ଼ା ସହକାରୀ ମତ୍ସ୍ୟ ଅଧିକାରୀ ଦୀପକ କୁମାର ମଲ୍ଲିକଙ୍କୁ ପଚାରିବାରେ ମୌସୁମୀ ପ୍ରଥମ ବର୍ଷାରେ ବନ୍ୟା ଜଳରେ ଇଲିଶି ପ୍ରଜନନ ବା ଅଣ୍ଡାଦାନ ପାଇଁ କୂଳ ଅଭିମୁଖେ ଅଗ୍ରସର ହୋଇଥାନ୍ତି ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ମହାନଦୀକୁ ଗାଧୋଇ ଯାଇ ମହିଳା ନିଖୋଜ

**ଭାପୁର,୧୪।୭(ଡି.ଏନ.ଏ.):** ଫତେଗଡ଼ ଥାନା କରବର ପଞ୍ଚାୟତ ଅଧୀନ ବଡବର ଗ୍ରାମର ଜଣେ ମହିଳା ମହାନଦୀକୁ ଗାଧେଇବା ପାଇଁ ଯାଇ ନିଖୋଜ ହୋଇଯାଇଛନ୍ତି । ସେ ହେଲେ ବଡବର ଗ୍ରାମର ଅଦୈତ୍ୟ ସ୍ୱାଇଁଙ୍କ ସ୍ତ୍ରୀ ମନ୍ଦଦୋରୀ (୫୯) । ଗୁରୁବାର ଦିନ ୧୨ଟା ସମୟରେ ସେ ନିକଟସ୍ଥ ମହାନଦୀକୁ ଗାଧୋଇବା ପାଇଁ ଯାଇଥିଲେ । ଘରକୁ ଫେରିବା ଡେରି ହେବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ । ଭାପୁର ଅଗ୍ନିଶମ ବିଭାଗ କର୍ମଚାରୀ, ଓଡ୍ରାଫ ଟିମ୍ ଗ୍ରାମବାସୀଙ୍କ ସହାୟତାରେ କରବରଠାରୁ ବୈଦ୍ୟେଶ୍ୱର ପର୍ଯ୍ୟନ୍ତ ଖୋଜାଖୋଜି କରିଥିଲେ ମଧ ତାଙ୍କୁ ପାଇ ନ ଥିଲେ ।

### ଅଜଣା ମହିଳାଙ୍କ ପରଲୋକ

**ଦଶପଲ୍ଲା,୧୪।୭(ଡି.ଏନ.ଏ.):** ଗୁରୁବାର ଦଶପଲ୍ଲା ଡାକ୍ତରଖାନାରେ ଜଣେ ଅଜଣା ମହିଳାଙ୍କ ମୃତ ଘଟିଛି । କିଛିଦିନ ତଳେ ସମ୍ପୃକ୍ତା ମହିଳା ଗୁରୁତର ଅବସ୍ଥାରେ ମେଡିକାଲ ସମ୍ମୁଖ ରାସ୍ତାରେ ପଡିଥିଲେ । ଏକ ଅନୁଷ୍ଠାନର କର୍ମକର୍ତ୍ତା ତାଙ୍କୁ ଚିକିତ୍ସା ପାଇଁ ଦଶପଲ୍ଲା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଗୁରୁବାର ମୃତ୍ୟୁ ଘଟିଛି । ତାଙ୍କର କୌଣସି ପରିଚୟ ମିଳିନାହିଁ । ଦଶପଲ୍ଲା ପୋଲିସ ମୃତଦେହ ଜବତ କରି ନୟାଗଡ଼ ଡାକ୍ତରଖାନାକୁ ପଠାଇଛି ।

### ଜଳଭଣ୍ଡାରରେ ବୁଡ଼ି ଛାତ୍ରଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ,୧୪।୭:** ବ୍ରହ୍ମପୁର ସନ୍ନିକଟ ଦକ୍ଷିଣପୁର ଜଳଭଣ୍ଡାରରେ ବୁଡ଼ି ଜଣେ ଛାତ୍ରଙ୍କର ଗୁରୁବାର ମୃତ୍ୟୁ ଘଟିଛି । ମୃତକ ଜଣଙ୍କ ବଡବଜାର ଥାନା ଅନ୍ତର୍ଗତ ଜେନା ସାହିର ରଞ୍ଜିତ ଦଳାଇଙ୍କ ପୁଅ ହରସାଇ ଦଳାଇ (୧୬) । ସଦର ଥାନା ପୋଲିସ ଛାତ୍ରଙ୍କ ମୃତଦେହ ଜବତ କରି ନଂ.୩୮/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ଜଳଭଣ୍ଡାରରେ ଗାଧୋଉଥିବା ବେଳେ ପାଣିରେ ବୁଡିଯାଇ ଛାତ୍ରଙ୍କ ମୃତ୍ୟୁ ଘଟିଥିବା ପୋଲିସ ସନ୍ଦେହ କରୁଛି । ଅନ୍ୟପଟେ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି । ପ୍ରକାଶ ଯେ, ଗୁରୁବାର ପୂର୍ବାହ୍ନ ୧୧ ଟାରେ ହରସାଇ ତାଙ୍କର ଦୁଇ ଜଣ ସାଙ୍ଗଙ୍କ ସହ ଜଳଭଣ୍ଡାରକୁ ଗାଧୋଇବା ପାଇଁ ଯାଇଥିଲେ । ସେଠାରେ ସେ ଗାଧୋଉଥିବା ବେଳେ ହଠାତ୍ ବୁଡ଼ି ଯାଇଥିଲେ । ଅନ୍ୟ ଦୁଇ ଜଣ ସାଙ୍ଗ ଖୋଜାଖୋଜି କରିଥିଲେ ମଧ ତାଙ୍କ ପତ୍ତା ପାଇ ନ ଥିଲେ । ପରେ ଖବର ପାଇ ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ଜଳଭଣ୍ଡାର ନିକଟରେ ପହଞ୍ଚିଥିଲେ । ପାଣି ଭିତରୁ ଅଗ୍ନିଶମ କର୍ମଚାରୀମାନେ ତାଙ୍କ ମୃତଦେହ ଉଦ୍ଧାର କରି ପୋଲିସକୁ ହସ୍ତାନ୍ତର କରିଥିଲେ ।

### ବିପଦସଙ୍କୁଳ ବିଦ୍ୟୁତ୍ ଖୁଣ୍ଟ ସ୍ଥାନାନ୍ତରଣ ଦାବି

**ବ୍ରହ୍ମପୁର ଅଫିସ,୧୪।୭:** ବ୍ରହ୍ମପୁର ସହରରେ ବିପଦସଙ୍କୁଳ ବିଦ୍ୟୁତ୍ ଖୁଣ୍ଟ ପାଇଁ ଲୋକଙ୍କ ଚିନ୍ତା ବଢୁଛି । ଯାହାକୁ ନେଇ ସହରବାସୀ ବିଦ୍ୟୁତ୍ ବିଭାଗ ନିକଟରେ ବାରମ୍ବାର ଅଭିଯୋଗ କରୁଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି । ଏଭଳି ଭାବେ ଗୁରୁବାର ସହରର ବାଲୁଙ୍କେଶ୍ୱର ମନ୍ଦିର ନିକଟରେ ଏକ ବିଦ୍ୟୁତ ଖୁଣ୍ଟ ବିପଦସଙ୍କୁଳ ଅବସ୍ଥାରେ ଥିବାବେଳେ ସମ୍ଭାବ୍ୟ ଦୁର୍ଘଟଣାରୁ ସ୍ଥାନୀୟ ବାସିନ୍ଦା ବର୍ତ୍ତି ଯାଇଛନ୍ତି । ଏହି ରାସ୍ତାଟି ଜାତୀୟ ରାଜପଥକୁ ସଂଯୋଗ କରୁଛି । ଏହି ରାସ୍ତାରେ ପ୍ରତିଦିନ ବହୁ ଭାରିଯାନ ଯାତାୟାତ କରିଥାଏ । ଏହି ସ୍ଥାନରେ ପରିବା ବ୍ୟବସାୟୀ ମଧ ବେପାର କରିଥାନ୍ତି । ତେବେ ମୁଖ୍ୟ ଛକରେ ଦୀର୍ଘ ଦିନ ଧରି ଏକ ବିପଦସଙ୍କୁଳ ବିଦ୍ୟୁତ ଖୁଣ୍ଟ ରହିଥିବାରୁ ଯାତାୟାତରେ ସ୍ଥାନୀୟ ବାସିନ୍ଦା ଭୟଭୀତ ହେଉଥିଲେ । ଯାହାକୁ ନେଇ ଗୁରୁବାର ଏକ ଭାରିଯାନ ଯିବା ସମୟରେ ତାର ସହିତ ଟ୍ରକଟି ସଂସ୍ପର୍ଶରେ ଆସିଥିବା ବେଳେ ଖୁଣ୍ଟଟି ଭାଙ୍ଗି ପଡିଥିଲା । ଏହାପରେ ସ୍ଥାନୀୟ ଲୋକେ ବିଦ୍ୟୁତ ବିଭାଗକୁ ଅବଗତ କରାଇଥିଲେ । କର୍ମଚାରୀ ଆସି ଖୁଣ୍ଟ ସ୍ଥାନାନ୍ତର କରି ନୂତନ ବିଦ୍ୟୁତ ଖୁଣ୍ଟ ସ୍ଥାପନ କରିଥିଲେ । ସେହିପରି ଗେଟ୍ ବଜାର, ଫାଷ୍ଟ ଗେଟ, ହରିଡାଖଣ୍ଡି, ଲକ୍ଷ୍ମୀ ନୃସିଂହ ସାହି, ବିଜିପୁର, ନେହେରୁ ନଗର, ଗାନ୍ଧୀନଗର ଭଳି ଅଞ୍ଚଳଗୁଡିକରେ ରହିଥିବା ବହୁ ବିପଦସଙ୍କୁଳ ବିଦ୍ୟୁତ ଖୁଣ୍ଟ ଗୁଡିକୁ ସ୍ଥାନାନ୍ତର କରିବା ପାଇଁ ସାଧାରଣରେ ଦାବି ହୋଇଛି । ଏ ନେଇ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅମ୍ବିକା ପାତ୍ରଙ୍କ ସହ ଯୋଗାଯୋଗ ବେଳେ କହିଛନ୍ତି, ବିପଦସଙ୍କୁଳ ବିଦ୍ୟୁତ୍ ଖୁଣ୍ଟଗୁଡିକୁ ଚିହ୍ନଟ କରାଯାଇ ସ୍ଥାନାନ୍ତରଣ କରାଯାଉଛି । ଅଭିଯୋଗ ଆସିବା ପରେ କର୍ମଚାରୀମାନେ ପହଞ୍ଚି ମରାମତି କରୁଥିବା ସେ କହିଛନ୍ତି ।

# ୧୪୧ ଏକର ମାଙ୍କଡ଼ା ଖଣିରେ ବେଆଇନ ଖନନ

**ନୟାଗଡ଼ ଅଫିସ/ରଣପୁର, ୧୪।୭ (ସ୍ୱ.ପ୍ର.)**


ଖନନ ଫଳରେ କାଜୁ ଜଙ୍ଗଲ ପଦା ହୋଇଛି ।


ଖଣିରେ ଖନନ କାର୍ଯ୍ୟ ଚାଲିଛି ।

ନୟାଗଡ଼ ଜିଲା ରଣପୁର ତହସିଲର ମୟୁରଝାଲିଆ ଅଞ୍ଚଳରେ ୪ ଏକର ମାଙ୍କଡା ଖଣି ନିଲାମ ଦିଆଯାଇଛି । ହେଲେ ନିଲାମଧାରୀ ନିଜର ୪ ଏକର ସହ ନିକଟରେ ଥିବା ୧୪୧ ଏକର ଜମିରେ ବେଆଇନ ଭାବେ ମାଙ୍କଡା ଓ ମୋରମ ଖନନ କରି ଚାଲିଛନ୍ତି । ବର୍ଷକୁ ୭୫ ଡେସିବିଲ ଜମିରୁ ପଥର ଖନନ ହେବାକୁ ଥିବାବେଳେ ୨ ବର୍ଷରେ ୪ଗୁଣା ଖଣି ଖନନ ହୋଇ ସାରିଲାଣି । ଖଣି ଖନନ ଠିକରେ ହେଉଛି କି ନାହିଁ ଯାଞ୍ଚ କରିବାର ନିୟମ ଥିଲେହେଁ ଏହାକୁ ଅଣଦେଖା କରାଯାଉଛି । ସେହିଭଳି ନିଲାମଧାରୀ ଖଣି ସୃଷ୍ଟି ହୋଇଥିବା ଗାତକୁ ବାଲିରେ ପୋତିବା ପାଇଁ ନିୟମ କହୁଛି । କିନ୍ତୁ ନିଲାମଧାରୀ ଆଇନକୁ ଶୀତଳ ଭଣ୍ଡାରରେ ଫୋପାଡି ସରକାରୀ ସମ୍ପତ୍ତିକୁ ଆତ୍ମସାତ୍ କରି ଚାଲିଛନ୍ତି ବୋଲି ଅଭିଯୋଗ ହୋଇଛି ।

ସୂଚନା ଅନୁଯାୟୀ, ମୟୁରଝାଲିଆର ପ୍ଲଟ ନଂ. ୧୬୮୯, ଖାତା ନଂ .୪୯୫ରେ ୧୪୪.୦୯ ଏକର ଗ୍ରାମ୍ୟ ଜଙ୍ଗଲ ପାଇଁ ସଂରକ୍ଷିତ ଅଛି । ଏହି ଜମିର କିଛି ଅଂଶରେ କାଜୁ ଜଙ୍ଗଲ ଥିଲା । କାଜୁ କର୍ପୋରେଶନ ଏହାକୁ ନିଲାମ ଦେଉଥିଲା । ତେବେ କାଜୁ ଜଙ୍ଗଲରେ ମୋରମ ଓ ମାଙ୍କଡା ଖଣି ହେବାରୁ ଏଥିରୁ ୪ ଏକର ମାତ୍ର ନିଲାମ ହୋଇଛି । ୨୦୨୦-୨୧ ଆର୍ଥିକ ବର୍ଷରୁ ଏହି ୪ ଏକର ଖଣି ନିଲାମ ହୋଇଛି । ତେବେ ନିଲାମଧାରୀ ୨ ବର୍ଷରେ ୩ ଏକରରୁ ଉର୍ଦ୍ଧ୍ୱ ନିଲାମ ଅଞ୍ଚଳରେ ଖଣି ଖୋଳି ସାରିଲେଣି । ପୁଣି ପାଖରେ ଥିବା

- ନିଲାମ ହୋଇଛି ୪ଏକର ମାଙ୍କଡ଼ା ଖଣି
- ସୃଷ୍ଟି ହେଉଥିବା ଗାତକୁ ପୋତୁ ନାହାନ୍ତି ନିଲାମଧାରୀ
- ପଦା ହେଲାଣି କାଜୁ ଜଙ୍ଗଲ

ଅବଶିଷ୍ଟ ସମସ୍ତ ଜମିକୁ ବେଆଇନ ଖଣି ଖନନ କରୁଛନ୍ତି । ସ୍ଥାନେ ସ୍ଥାନେ ୪୦ରୁ ୫୦ ଫୁଟ ଖଣି ହୋଇ ସାରିଲାଣି । ଏଭଳି ସ୍ଥଳେ କାଜୁ ଜଙ୍ଗଲ ପଦା ହୋଇ ସାରିଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି ।

**ନିଲାମଧାରୀ ଓ ମୁଖ୍ୟକିରାଣୀଙ୍କ ମେଣ୍ଟ:** ବେଆଇନ ଖଣି ଖନନକୁ ପ୍ରୋତ୍ସାହନ ଦେଉଛନ୍ତି ଜଣେ ମୁଖ୍ୟ କିରାଣୀ ଓ ନିଲାମଧାରୀ ବୋଲି ଅଭିଯୋଗ ହେଉଛି । ଅଭିଯୋଗ ଅନୁସାରେ ମୁଖ୍ୟ କିରାଣୀ ଗୋଟିଏ ଅଫିସରେ ୯ ବର୍ଷ ହେଲା ରହି ନିଜର ଫାଇଦା ହାସଲ କରୁଛନ୍ତି । ୫-ଟି ନିୟମ ଅନୁସାରେ ଜଣେ କର୍ମଚାରୀ ୫ ବର୍ଷ ଗୋଟିଏ ସ୍ଥାନରେ ରହି ପାରିବେ । ହେଲେ ଏଠାର ମୁଖ୍ୟ କିରାଣୀ ଧରାଧରି କରି ୯ ବର୍ଷ ହେଲା ରହି ସାରିଲେଣି । ମୁଖ୍ୟ କିରାଣୀଙ୍କୁ ସହଯୋଗ କରୁଛନ୍ତି ନିଲାମଧାରୀ । ନିଲାମଧାରୀଙ୍କ ଏକ ଗାଡ଼ି ତହସିଲରେ ଲାଗିଛି । ଏଠାରେ ନିଲାମଧାରୀଙ୍କ ରାଜ ଅଧିକ । ତହସିଲରେ ଯେଉଁ କାମ ହେଉଛି ସବୁଥରେ ନିଲାମଧାରୀଙ୍କ ପ୍ରଭାବ ରହୁଛି ।

ସେହିପରି କୋଲକତା-ମାଡ୍ରାସ ୧୬ ନଂ. ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ଚାଲିଛି । ରାଜପଥ ସମ୍ପ୍ରସାରଣ କାମ କରୁଥିବା ଠିକାଦାରୀ ସଂସ୍ଥାକୁ ମୟୁରଝାଲିଆରୁ ମୋରମ ଯୋଗାଇ ଦିଆଯାଉଛି । ସଂପୃକ୍ତ ଠିକା ସଂସ୍ଥା ମୋରମ ବେଆଇନ ଭାବେ ନୟାଗଡ଼ ଜିଲାରୁ ନେଉଥିଲେ ମଧ ଚଢ଼ାଉ କି ଧରପଗଡ ନାହିଁ । ଠିକା ସଂସ୍ଥା ସ୍ୱଳ୍ପ ଦାମରେ ମୋରମ ନେଇ ରାଜସ୍ୱ ଲୁଟୁଥିବାବେଳେ ହାତଗୁଞ୍ଜା ପାଇ ବିଭାଗୀୟ ଅଧିକାରୀ ଓ ନିଲାମଧାରୀ ଖୁସ୍ ବୋଲି ଚର୍ଚ୍ଚା ହେଉଛି ।

**ୱାଇ ଫର୍ମ ସ୍ଲିପର ଅପବ୍ୟବହାର:** ରଣପୁର ତହସିଲରେ ୧୮୦ଟି ୱାଇ ଫର୍ମ ସ୍ଲିପ ଇସ୍ୟୁ କରି ବେଆଇନ ଭାବେ ଏହାକୁ ବିକ୍ରି କରାଯାଇଛି । ଏହି ଟ୍ରାନ୍‌ଜିଟ ପାସ୍‌ରେ ବେଆଇନ ଖଣି ଖନନ ବଢ଼ି ଚାଲିଛି । ଏହି ଟ୍ରାନ୍‌ଜିଟ୍ ପାସ୍ ଯୋଗୁ ୨୦୨୨-୨୩ ଆର୍ଥିକ ବର୍ଷରେ ସରକାର ଅନେକ କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି । ଏହାର ତଦନ୍ତ କରାଯାଉନି କି ଅନିୟମିତତାକୁ ରୋକା ଯାଉନି । ଏହା ପଛରେ ସମ୍ପୃକ୍ତ ମୁଖ୍ୟ କିରାଣୀ, ଜଣେ କନିଷ୍ଠ କିରାଣୀ ସାମିଲ ଅଛନ୍ତି । ଏଥିରେ ଆଉ ଜଣେ ସମ୍ପୃକ୍ତ ଥିବା ଅଭିଯୋଗ ରହିଛି ।

### ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ

ମୟୁରଝାଲିଆର ବେଆଇନ ଖଣି ଖନନ ନେଇ ସ୍ଥାନୀୟ ବାସିନ୍ଦା ଜିଲାପାଳ, ଉପଜିଲାପାଳ, ଅତିରିକ୍ତ ଜିଲାପାଳ, ତହସିଲଦାର, ଆରଡିସି, ୫-ଟି ସଚିବଙ୍କୁ ବାରମ୍ବାର ଅଭିଯୋଗ କରି ଆସୁଛନ୍ତି । ହେଲେ ଏହାର ତଦନ୍ତ ନାହିଁ କି କାର୍ଯ୍ୟାନୁଷ୍ଠାନ ହେଉନି ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି । ଏନେଇ ଶିବ ପ୍ରସାଦ ରାୟଗୁରୁ କୁହନ୍ତି, ବେଆଇନ ଖଣି ଖନନକୁ ରୋକିବାକୁ ହେଲେ ସମ୍ପୃକ୍ତ ମୁଖ୍ୟ କିରାଣୀଙ୍କୁ ପ୍ରଥମେ ବଦଳି କରି ତଦନ୍ତ କଲେ ସତ୍ୟାସତ୍ୟ ପଦାକୁ ଆସିବ । ଏହି ବେଆଇନ ଖଣିଖନନରେ ବହୁ ବଡବଡିଆଙ୍କ ହାତ ରହିଛି । ଏଥିପାଇଁ ଏକ ର୍ୟାକେଟ କାମ କରୁଛି ବୋଲି କହିଛନ୍ତି । ଏନେଇ ଉପଜିଲାପାଳ ଲଗ୍ନଜିତ ରାଉତଙ୍କୁ ପଚାରିବାରୁ ସେ କହୁନ୍ତି, ବେଆଇନ ଖଣି ଖନନ, ମୁଖ୍ୟ କିରାଣୀଙ୍କ ସମ୍ପୃକ୍ତି, ସରକାରୀ ନୀତି ନିୟମରେ ଖଣି ଖନନ କାହିଁକି ହେଉନି ତାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ହେବ । ଏଥିରେ ଯେତେ ପ୍ରଭାବଶାଳୀ ଲୋକ ସମ୍ପୃକ୍ତ ଥିଲେ ମଧ କାର୍ଯ୍ୟାନୁଷ୍ଠାନକୁ ରୋକାଯାଇ ପାରିବ ନାହିଁ ।

## ବାମ ଗ୍ରାମରେ ସେବା ଉତ୍ସବ, ମାଗଣା ସ୍ୱାସ୍ଥ୍ୟସେବା


ବାମଗ୍ରାମରେ ଆୟୋଜିତ ସ୍ୱାସ୍ଥ୍ୟ ସେବା ଶିବିର ।

**ଦଶପଲ୍ଲା,୧୪।୭ (ଡି.ଏନ.ଏ.)**

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକର ଆଦିବାସୀ ବହୁଳ ବାମ ଗ୍ରାମରେ ବୁଧବାର ସେବା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ନୟାଗଡ଼ ଜିଲା ସେବା ଉତ୍ସବ ସମିତି ପକ୍ଷରୁ ଗତ ୧ ତାରିଖରୁ ଆରମ୍ଭ ହୋଇଥିବା ସେବା ଉତ୍ସବରେ ବସ୍ତ୍ରଦାନ,ଖାଦ୍ୟ ବଣ୍ଟନ, ଓ ଅସହାୟଙ୍କୁ ଆର୍ଥିକ ସହାୟତା ପ୍ରଦାନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ବାମ ଗ୍ରାମରେ ମାଗଣା ସ୍ୱାସ୍ଥ୍ୟସେବା ଶିବର ଅନୁଷ୍ଠିତ ହୋଇଥିଲା । ନୟାଗଡ଼ ସେବା ଉତ୍ସବ ସମିତି ଅଧ୍ୟକ୍ଷ ଶିବରାମ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରକୁ ନୟାଗଡ଼ ଜିଲା ବନଖଣ୍ଡ ଅଧିକାରୀ କ୍ଷମା ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ବରିଷ୍ଠ ଚକ୍ଷୁ ବିଶେଷଜ୍ଞ ଡା. ଅରବିନ୍ଦ ଦାଶ, ବରିଷ୍ଠ ଡାକ୍ତର ରମେଶ ଚନ୍ଦ୍ର ଦାଶ, ସାମାଜିକ କର୍ମୀ ଦାମୋଦର ସାହୁ, ବଂଶୀଧର ସାହୁ ଓ ସୁରେନ୍ଦ୍ର କୁମାର ମହାକୁଡ଼ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସେବା ଉତ୍ସବର ମୁଖ୍ୟ ଆଭିମୁଖ୍ୟ ଓ ଏଭଳି ଦୁର୍ଗମ ଅଞ୍ଚଳରେ ସେବା ଯୋଗାଇବା ସୌଭାଗ୍ୟର ବୋଲି ମତ ରଖିଥିଲେ । ଏହାପରେ ବିଭିନ୍ନ ବିଭାଗର ଅଭିଜ୍ଞ ଡାକ୍ତରମାନଙ୍କୁ ନେଇ ବାମ ହାଇସ୍କୁଲ ପରିସରରେ ମାଗଣା ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିରରେ ଡାକ୍ତର ସୌମ୍ୟ ରଞ୍ଜନ ପରିଡା, ଡା. ମୋନା ଅଲ୍ଲୀ, ଡା.ଅରବିନ୍ଦ ଦାଶ, ଡାକ୍ତର ରମେଶ ଚନ୍ଦ୍ର ଦାଶ ପ୍ରମୁଖ ୧୮୦ ଜଣ ରୋଗୀଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଇଥିଲେ । ଏହି ଅବସରରେ ରୋଗୀମାନଙ୍କୁ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା ।

## ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ, ହତ୍ୟା ଅଭିଯୋଗ

**ଆସିକା,୧୪।୭(ଡି.ଏନ.ଏ)**

ଗାଙ୍ଗପୁର ଥାନା ଗାଙ୍ଗପୁର ହାଟପଦା ସାହିରୁ ଗୁରୁବାର ସକାଳେ ଶାଶୁ ଘରେ ଝୁଲନ୍ତା ଅବସ୍ଥାରେ ଜଣେ ମହିଳାଙ୍କ ମୃତଦେହ ଜବତ ହୋଇଛି । ସେ ହେଲେ ଅନିତା ବିଷୋୟୀ (୨୩) । ଶାଶୁ ଘର ଉପର ମହଲାରେ ସେ ବେକରେ ଫାସ ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି । ପୋଲିସ, ବେଲଗୁଣ୍ଠା ତହସିଲଦାର ଧରଣୀଧର ବେହେରାଙ୍କ ଉପସ୍ଥିତିରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ଭଞ୍ଜନଗର ଡାକ୍ତରଖାନାକୁ ପଠାଇଛି । ଏ ନେଇ ଗାଙ୍ଗପୁର ଥାନାରେ ନଂ.୨୭୮/୨୨ରେ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ କହିଛନ୍ତି । ଅପରପକ୍ଷେ ଝିଅକୁ ହତ୍ୟା କରାଯାଇଥିବା ମୃତ ମହିଳାଙ୍କ ବାପା ଗାଙ୍ଗପୁର ପୋଲିସରେ ଅଭିଯୋଗ କରିଛନ୍ତି । ଗତ ୪ ବର୍ଷ ତଳେ ବିବାହ କରିଥିବା ଅନିତାଙ୍କୁ ଶାଶୁ ଘର ପକ୍ଷରୁ ଅଧିକ ଯୌତୁକ ଲାଗି ନିର୍ଯାତନା ଦିଆଯାଉଥିଲା ବେଳେ ତାଙ୍କୁ ମାରିଦିଆ ଯାଇଥିବା ଅନିତାଙ୍କ ବାପା ଅଭିଯୋଗରେ ଦର୍ଶାଇଛନ୍ତି । ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ଘଟଣାର ସତ୍ୟାସତ୍ୟ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି ।

## ମ୍ୟୁନିସିପାଲିଟିରୁ ଉଚ୍ଛେଦ ହେଲା ସେବା

**ନୟାଗଡ଼ ଅଫିସ,୧୪।୭**

### ଡିଏଚ୍‌ଏଚ୍‌ରେ ଜନ୍ମ ମୃତ୍ୟୁ ପଞ୍ଜୀକରଣର ଶୁଭାରମ୍ଭ

ନୟାଗନ ଜିଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍‌ଏଚ୍)ରେ ଗୁରୁବାର ଜନ୍ମମୃତ୍ୟୁ ପଞ୍ଜୀକରଣ ସେବା ଆରମ୍ଭ ହୋଇଛି । ଏହାକୁ ସିଡିଏମ୍‌ଓ ମକରନ୍ଦ ବେଉରା ଉଦ୍‌ଘାଟନ କରିଛନ୍ତି । ଜିଲା ଚିକିତ୍ସାଧିକାରୀ(ସ୍ୱାସ୍ଥ୍ୟ ସେବା) ତଥା ଅଧୀକ୍ଷକ ଏହାର ଦାୟିତ୍ୱ ବୁଝିବେ । ତେବେ ଏହି ସେବା ପୂର୍ବରୁ ନୟାଗଡ ପୌରସଂସ୍ଥାରେ ମିଳୁଥିଲା । ଗୁରୁବାର ଠାରୁ ଏହି ସେବା ସେଠାରେ ମିଳିବ ନାହିଁ ।


ଜନ୍ମମୃତ୍ୟୁ ପଞ୍ଜୀକରଣ ସେବାକୁ ସିଡିଏମ୍‌ଓ ଉଦ୍‌ଘାଟନ କରୁଛନ୍ତି ।

## ସାପ କାମୁଡ଼ାରେ ଜଣେ ମୃତ

**ଦଶପଲ୍ଲା,୧୪।୭ (ଡି.ଏନ.ଏ.)**

ଦଶପଲ୍ଲା ବ୍ଲକ ଅଧୀନ ସୁନାରୀପଦର ଗ୍ରାମରେ ଜଣେ ବ୍ୟକ୍ତିଙ୍କ ସାପ କାମୁଡାରେ ମୃତ୍ୟୁ ଘଟିଛି । ମୃତକ ହେଲେ ଅନାଦୀ ମଳିକ (୩୦) । ସେ ରାତିରେ ଖାଇ ସାରି ଶୋଇଥିବା ବେଳେ ଏକ ସାପ ତାଙ୍କୁ କାମୁଡି ଦେଇଥିଲା । ଗୁରୁତର ଆହତ ଅବସ୍ଥାରେ ତାଙ୍କୁ ଦଶପଲ୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । ବାଣିଗୋଛା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୬/୨୨) ରୁଜୁ କରି ଦଶପଲ୍ଲା ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇବା ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

## ନୀଳମାଧବ ବିଦ୍ୟାପୀଠରେ ପ୍ରତିଷ୍ଠା ଦିବସ


ଛାତ୍ରମାନେ ନୀଳମାଧବଙ୍କ ପୀଠରେ ପୂଜାର୍ଚ୍ଚନା କରି ଫେରୁଛନ୍ତି ।

**ଖଣ୍ଡପଡ଼ା,୧୪।୭ (ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ନୀଳମାଧବ ବିଦ୍ୟାପୀଠର ୭୨ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଛାତ୍ରମାନେ ବର୍ଷା ସତ୍ତ୍ୱେ ପୂର୍ବାହ୍ନରେ ସ୍କୁଲକୁ ଆସି ଶିକ୍ଷୟିତ୍ରୀ,ଶିକ୍ଷକମାନଙ୍କ ସହ ଗ୍ରାମ ପରିକ୍ରମା କରିବା ସହିତ ଶ୍ରୀ ନୀଳମାଧବଙ୍କ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ । ପରେ ବିଦ୍ୟାଳୟକୁ ଆସି ବିଦ୍ୟାଳୟ ପରିସରରେ ଏକ ଚାରାରୋପଣ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଏହି ଅବସରରେ ଛାତ୍ରମାନଙ୍କ ମଧ୍ୟରେ 'ଆମେ ଓ ଆମ ବିଦ୍ୟାଳୟ' ସମ୍ପର୍କୀତ ଏକ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଆୟୋଜିତ ଏହି ତର୍କ ପ୍ରତିଯୋଗୀତାରେ କୃତୀ ଛାତ୍ରମାନଙ୍କୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋଜ କୁମାର ନାୟକ ପୁରସ୍କାର ପ୍ରଦାନ କରିଥିଲେ ।

# ମୋହନାରୁ ଆନ୍ଧ୍ର ଗଞ୍ଜେଇ ଚାଲାଣ

**ବ୍ରହ୍ମପୁର ଅଫିସ,୧୪।୭**




### କଣ୍ଟେନର ଜବତ, ଚାଳକ ଗିରଫ

ବ୍ରହ୍ମପୁର ସହର ଦେଇ ଯାଇଥିବା ଜାତୀୟ ରାଜପଥରେ ବିଭିନ୍ନ ସମୟରେ ଗଞ୍ଜେଇ ଚୋରା ଚାଲାଣ ହେଉଛି । ମାଫିଆମାନେ ଗଞ୍ଜେଇ ଅନ୍ୟ ରାଜ୍ୟକୁ ଚାଲାଣ କରୁଛନ୍ତି । ଏଭଳି ଏକ ବଡ଼ ଧରଣର ଗଞ୍ଜେଇ ଚାଲାଣ ରାକେଟ୍ ଠାବ କରିଛି ବ୍ରହ୍ମପୁର ଅବକାରୀ ଗୋଇନ୍ଦା ବିଭାଗ । ଏକ କଣ୍ଟେଇନରରେ ଗଜପତି ଜିଲା ମୋହନାରୁ ଖଲ୍ଲିକୋଟ, ନିର୍ମଳଝର ଦେଇ ଜାତୀୟ ରାଜପଥରେ ଚାଲାଣ ହେଉଥିବା ୧୬୦ କେଜି ଗଞ୍ଜେଇ ଧରିଛି ।

କଣ୍ଟେନର ଡ୍ରାଇଭର ରୋହିତ ସ୍ୱାଇଁଙ୍କୁ ଗିରଫ କରାଯାଇଛି । ମାମଲା ନମ୍ବର ୩୭୬/୨୨-୨୩ରେ ତାଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି । ଡେପୁଟି କମିଶନର ଅଶୋକ କୁମାର ଶତପଥୀଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ୧୬ ନମ୍ବର ଜାତୀୟ ରାଜପଥ ହଳଦିଆପଦର ଜଙ୍କ୍‌ଶନରେ ପାଟ୍ରୋଲିଂ କରୁଥିଲା । ସେଠାରେ ବିଭିନ୍ନ ଗାଡ଼ି ଅଟକାଇ ଯାଞ୍ଚ କରାଯାଉଥିଲା । ଏହି ସମୟରେ ଚମାଖଣ୍ଡି ପଟୁ ଦ୍ରୁତଗତିରେ ଆସୁଥିବା ଏକ କଣ୍ଟେନର (ନଂ ଏମଏଚ -୧୨ଏଚଡି-୨୦୫୪)କୁ ଟିମ୍ ସନ୍ଦେହରେ ଅଟକାଇଥିଲା । କଣ୍ଟେନର ଯାଞ୍ଚ ବେଳେ ପ୍ଲାଷ୍ଟିକ୍ ବସ୍ତାରେ ଗଞ୍ଜେଇ ଭର୍ତ୍ତି ରହିଥିବା ଜଣାପଡ଼ିଥିଲା । ଏଣୁ କଣ୍ଟେନରକୁ ଜବତ କରିବା ସହ ଡ୍ରାଇଭର ରୋହିତଙ୍କୁ ଗିରଫ କରିଥିଲା । ସେଥିରୁ ବିପୁଳ ପରିମାଣ ଗଞ୍ଜେଇ ଜବତ ହୋଇଥିଲା । ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୩୨ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ଇନ୍ସପେକ୍ଟର ହୃଦୟ ଚନ୍ଦ୍ର ସାମନ୍ତ ସୂଚନା ଦେଇଛନ୍ତି । ଏହି ଗଞ୍ଜେଇ ମୋହନାରୁ ଅଣାଯାଇଥିବା ବେଳେ ଆନ୍ଧ୍ରପ୍ରଦେଶର ଇଚ୍ଛାପୁରମ ଯାଇଥା'ନ୍ତା । ସେଠାରୁ କୋରିୟର ଯୋଗେ ମୁମ୍ବାଇ ଚାଲାଣ କରାଯାଇଥା'ନ୍ତା ବୋଲି ଅଭିଯୁକ୍ତଙ୍କୁ ଜେରା ବେଳେ ଅବକାରୀ ପୋଲିସ ଜାଣିବାକୁ ପାଇଛି ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୫ ଜୁଲାଇ, ୨୦୨୨



# ବର୍ଷାରେ ଚାଲିଛି ଡ୍ରେନ୍‌ରୁ ଆବର୍ଜନା ସଫେଇ

ଯାଜପୁର ରୋଡ,୧୪।୭(ଡି.ଏନ.ଏ.)

ବର୍ଷା ପୂର୍ବରୁ ଗୃହ ଏବଂ ନଗର ଉନ୍ନୟନ ବିଭାଗର ପୌର ପ୍ରଶାସକ ନିର୍ଦ୍ଦେଶକ ସଂଗ୍ରାମଜିତ ନାୟକଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ନ ହେବାରୁ ଏବେ ବ୍ୟାସନଗର ପୌରପରିଷଦବାସୀ ଅଡୁଆରେ ପଡିଛନ୍ତି। ଏନେଇ ୧୦।୭।୨୦୨୧ରେ ଧରିତ୍ରୀରେ ସବିଶେଷ ତଥ୍ୟଭିତ୍ତିକ ଖବର ପ୍ରକାଶ ପାଇବା ପରେ ବର୍ଷାରେ ଡ୍ରେନରୁ ଆବର୍ଜନା ଉଠା ଚାଲିଛି। ଏହା ସହରବାସୀଙ୍କ ପାଇଁ ପରିମଳ କ୍ଷେତ୍ରରେ ବୋଝ ଉପରେ ଲଳିତା ବିଡା ସଦୃଶ ହୋଇଛି। ବର୍ଷାରେ ଡ୍ରେନ ଆବର୍ଜନା ରାସ୍ତାରେ ଗଦା ହୋଇ ଉତ୍କଟ ଦୁର୍ଗନ୍ଧ ସୃଷ୍ଟି କରିଛି। ଏଭଳି ଭାବେ ଧର୍ମକୁ ଆଖିଠାର ଭଳି ଘରୋଇକରଣରେ ସବ୍ୟସାଚୀ ମହାକୁଡ ନାମକ ଏକ ଅନୁଷ୍ଠାନକୁ ପରିମଳ ଦାୟିତ୍ୱ ଦିଆଯାଇଥିବା କୁହାଯାଉଥିଲେ ହେଁ ଏହା ସାଧାରଣ ଠିକା ବ୍ୟବସ୍ଥାରେ ପରିଣତ ହୋଇଛି । ଆଉ ଏହି ଠିକା ବ୍ୟବସ୍ଥାରେ ମିଳିମିଶି ଅର୍ଥ ଲୁଟ ହେଉଥିବା ଯୋଗୁ ରାଜ୍ୟର ଅନ୍ୟତମ ପ୍ରମୁଖ ବ୍ୟାସନଗର ସହରର

**ବ୍ୟାସନଗର ମ୍ୟୁନିସିପାଲିଟି**
- ରାସ୍ତା ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ
- ଦାୟିତ୍ୱ ତୁଲାଇବାରେ ବ୍ୟତିକ୍ରମ
- ଉଚ୍ଚ କର୍ତ୍ତୃପକ୍ଷଙ୍କ ତାଗିଦକୁ ବେଖାତିର

ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଛି ।

ଗୃହ ଏବଂ ନଗର ଉନ୍ନୟନ ବିଭାଗ ପକ୍ଷରୁ ୧୮।୫।୨୦୨୨ରେ ବର୍ଷା ପୂର୍ବରୁ ସହରର ସମସ୍ତ ଡ୍ରେନେଜ ସିଷ୍ଟମର ସଫେଇ, ପଙ୍କ ଉଦ୍ଧାର ଆଦି ସମ୍ପନ୍ନ କରିବାକୁ ନିର୍ଦ୍ଦେଶ ହୋଇଥିଲା। କିନ୍ତୁ ବ୍ୟାସନଗର ସହରରେ ମାସିକ ଖର୍ଚ୍ଚ ହେଉଥିବା ଅର୍ଥକୁ ହରିଲୁଟ କରିବା ଲକ୍ଷ୍ୟ ରଖି ପ୍ରାୟ ଡ୍ରେନରୁ ପଙ୍କ, ଆବର୍ଜନା ଉଠାଯାଇ ନ ଥିଲା। ଫଳରେ ସହରର ଏକାଧିକ ରାସ୍ତାରେ ସାମାନ୍ୟ ବର୍ଷା ହେଲେ ପଙ୍କ ଓ ଆବର୍ଜନା ରାସ୍ତାରେ ବୋହୁଥିବା ଦେଖିବାକୁ ମିଳିଛି। ସହରର



ପରିମଳ ସ୍ୱାୟତ୍ତ ଶାସନ ସଂସ୍ଥାର ମୌଳିକ ଦାୟିତ୍ୱ ହୋଇଥିବାବେଳେ ବ୍ୟାସନଗର ମ୍ୟୁନିସିପାଲଟି ପାଇଁ ଏହା ପ୍ରାଥମିକତା ରଖିନାହିଁ । ୧୦ବର୍ଷ ପୂର୍ବେ ଏହି ସହରର ଜନସଂଖ୍ୟା ପ୍ରାୟ ୫୦ ହଜାର ଥିବାବେଳେ ଏବେ ପ୍ରାୟ ଦେଢଲକ୍ଷ ପାଖାପାଖି ରହିଛି । ସହରର ପରିସୀମା ମଧ୍ୟ ବହୁ ଗୁଣରେ ବୃଦ୍ଧି ପାଇଛି । ଅପରପକ୍ଷେ ସେତେବେଳେ ମ୍ୟୁନିସିପାଲିଟି ଅଧୀନରେ ନିୟମିତ ଓ ଅସ୍ଥାୟୀ କର୍ମଚାରୀ ସଫେଇ ଦାୟିତ୍ୱରେ ରହୁଥିଲାବେଳେ ମୌଳିକ ଦାୟିତ୍ୱ ପରିମଳ କାର୍ଯ୍ୟକୁ ଘରୋଇକରଣ କରିବା ଦିଗରେ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ଅଧିକ ଆଗ୍ରହ ଦେଖାଇଛନ୍ତି । ଏହି ଠିକାସଂସ୍ଥା ଜରିଆରେ ମାସକୁ ପ୍ରାୟ ୨୨ ରୁ ୨୫ ଲକ୍ଷ ଟଙ୍କା ସଫେଇ କାର୍ଯ୍ୟରେ ଖର୍ଚ୍ଚ କରାଯାଉଛି। ହେଲେ ବାସ୍ତବରେ କମ ଖର୍ଚ୍ଚ ହେଉଥିବା ରାସ୍ତା ସଫେଇକୁ ଅଗ୍ରାଧିକାର ଦେଇ ବାହାବା ମାରୁଥିବାବେଳେ ଅଧିକ ଖର୍ଚ୍ଚ ଭୟରେ ଡ୍ରେନ ସଫାକୁ ପ୍ରାଧାନ୍ୟ ଦିଆଯାଉନାହିଁ। ଏହିକ୍ରମରେ ମାସକୁ ପାଖାପାଖି ୧୦ ଲକ୍ଷ ଟଙ୍କା ଖର୍ଚ୍ଚ କରି ବାକି ଅର୍ଥକୁ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ଏବଂ ଠିକାସଂସ୍ଥା ମିଳିମିଶି ହରିଲୁଟ କରୁଥିବା ଚର୍ଚ୍ଚା ଜୋର ଧରିଛି। ଏନେଇ ଯେତେ ଅଭିଯୋଗ କରାଗଲା ମଧ୍ୟ ବାଡ ଫସଲ ଖାଇବା ସଦୃଶ କର୍ତ୍ତୃପକ୍ଷ କାହା କଥା ଶୁଣୁ ନାହାନ୍ତି। ଓଲଟା ସଂପୃକ୍ତ ଠିକାସଂସ୍ଥା କର୍ତ୍ତୃପକ୍ଷଙ୍କୁ କିଛି ହେବନାହିଁ ମାଡିଚାଲ ବୋଲି ଉସୁକାଉଥିବା ଶୁଣିବାକୁ ମିଳୁଛି। ଏହି କାରଣରୁ ଗୁରୁବାର ବର୍ଷାରେ ୩ ଦିନ ତଳେ ଷ୍ଟେଟବ୍ୟାଙ୍କ ସମ୍ମୁଖ ନଟପଡା ଗଳିରେ ଉଠାଯାଇଥିବା ମଇଳା ରାସ୍ତାରେ ଗଦା ହୋଇ ଥିବା ଦେଖିବାକୁ ମିଳିଛି।

ଏ ସଂକ୍ରାନ୍ତରେ ବ୍ୟାସନଗର ମ୍ୟୁନିସିପାଲିଟୀର ସାନିଟାରୀ ଇନ୍ସପେକ୍ଟର ମାଣିକ ରଞ୍ଜନ ନାଏକଙ୍କୁ ପଚାରିବାରୁ ସହରର ପରିମଳ ଓ ସ୍ୱଚ୍ଛତା ନେଇ କୌଣସି ସାଲିସ କରାଯାଉନାହିଁ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ଅନୁସାରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି। ଏଥିପାଇଁ ମାସିକ ପ୍ରାୟ ୨୨ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି ବୋଲି କହିଛନ୍ତି।

## ଉଦ୍ଧାର ଚଉଶିଙ୍ଗା ମୃତ, ନରସୀମା ଅସୁସ୍ଥ

ବାରଙ୍ଗ,୧୪।୭(ଡି.ଏନ୍.ଏ.)

ସମ୍ବଲପୁର ଡିଭିଜନର ରେଢାଖୋଲ ରେଞ୍ଜରୁ ଜୁନ୍ ୨ରେ ଉଦ୍ଧାର ହୋଇ ନନ୍ଦନକାନନକୁ ଆସିଥିବା ୩ ବର୍ଷର ମାଈ ଚଉଶିଙ୍ଗା ହରିଣର ଗୁରୁବାର ମୃତ୍ୟୁ ଘଟିଛି। ହରିଣ ସମ୍ବଲପୁରରୁ ଆସିବା ପରେ ପ୍ରାଣୀ ଚିକିତ୍ସକମାନେ ତା'ର ପ୍ରାଥମିକ ଚିକିତ୍ସା କରିଥିଲେ। ଏକ୍ସରେ କରିବା ପରେ ତା' ଗୋଡ ଭାଙ୍ଗିଯାଇଥିବା ଜାଣିବାକୁ ପାଇଥିଲେ। ହରିଣ ଭଙ୍ଗାଗୋଡ଼କୁ ପ୍ଲାଷ୍ଟର କରି କ୍ୱାରେଣ୍ଟାଇନର ପୃଥକୀକରଣ ଖୁଆଡରେ ରଖି ଚିକିତ୍ସା ଆରମ୍ଭ କରିଥିଲେ। ହେଲେ ତାକୁ ବଞ୍ଚାଇ ପାରିଲେ ନାହିଁ। ହରିଣଟି ନିକଟସ୍ଥ ଜଙ୍ଗଲରୁ ମାଆଠାରୁ ଅଲଗା ହୋଇ ଜନବସତିକୁ ଚାଲିଆସିଥିଲା। ଖବରପାଇ ବନ ବିଭାଗ କର୍ମଚାରୀ ହରିଣକୁ ଉଦ୍ଧାର କରି ନନ୍ଦନକାନନ ପଠାଇଥିଲେ। ନନ୍ଦନକାନନରେ ଏମାନଙ୍କ ସଂଖ୍ୟା ହ୍ରାସ ପାଇ ୩ରେ ପହଞ୍ଚିଛି। ସେହିପରି ନନ୍ଦନକାନନର ଅନ୍ୟତମ ଆକର୍ଷଣ ସିଂହ ନରସୀମା ଅସୁସ୍ଥ ହୋଇପଡିଛି। ତା'ର ଡାହାଣ ଗୋଡ଼ ଆଣ୍ଠୁରେ ପାଣି ଜମି ରହି ଚାଲିବାରେ କଷ୍ଟ ଅନୁଭବ କରୁଥିଲା। ଏହା ଜାଣିବା ପରେ ଗୁରୁବାର ନନ୍ଦନକାନନ ଚିକିତ୍ସକ ତା'କୁ ନିଶା ଦେଇ ଆଣ୍ଠୁରୁ ପାଣି ବାହାର କରିଛନ୍ତି। ଏବେ ନରସିଂମା କିଛି ମାତ୍ରାରେ ସୁସ୍ଥ ହୋଇଛି।

## ସଂକ୍ଷେପରେ

### କୋତପୁରରେ ଅଜୟ, ମଧୁସୂଦନପୁରରେ ସବିତା ସଭାପତି ନିର୍ବାଚିତ



କୋତପୁର ସେବା ସମବାୟ ସମିତି ନିର୍ଦ୍ଦେଶକଙ୍କ ଗହଣରେ ସଭାପତି ଭାବେ ନିର୍ବାଚିତ ହୋଇଥିବା ଅଜୟ ଜେନା।

**ଧର୍ମଶାଳା,୧୪।୭(ଡି.ଏନ.ଏ.):** ଧର୍ମଶାଳା ବ୍ଲକର ୧୩ଟି ସମବାୟ ସମିତି ମଧ୍ୟରୁ ଗୁରୁବାର କୋତପୁର ଓ ମଧୁସୂଦନପୁର କୃଷି ସେବା ସମବାୟ ସମିତି ସଭାପତି ପଦ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋତପୁର ସେବା ସମବାୟ ସଭାପତି ଭାବେ ଅଜୟ କୁମାର ଜେନା ୧୪ ଖଣ୍ଡ ଭୋଟ ମଧ୍ୟରୁ ୧୨ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଅରୁଣ ରାୟ ମାତ୍ର ୨ ଖଣ୍ଡ ଭୋଟ ପାଇ ପରାସ୍ତ ହୋଇଛନ୍ତି। ସେହିପରି ମଧୁସୂଦନପୁର ସେବା ସମବାୟ ସମିତି ସଭାପତି ଭାବେ ସବିତା ଧୀର ମୋଟ ୧୫ଖଣ୍ଡ ଭୋଟ ମଧ୍ୟରୁ ୮ ଖଣ୍ଡ ଭୋଟ ଭାଇ ବିଜୟୀ ହୋଇଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ରମେଶ ଚନ୍ଦ୍ର ଜେନା ୭ ଖଣ୍ଡ ଭୋଟ ପାଇ ପରାସ୍ତ ହୋଇଥିବା ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି।

### ଅଶ୍ୱିନୀ ନାୟକ ପାଲଟପୁର ସମବାୟ ସମିତି ସଭାପତି

**ଝୁମ୍ପୁରୀ,୧୪।୭(ଡି.ଏନ୍.ଏ.):** ଦଶରଥପୁର ବ୍ଲକ୍‌ସ୍ଥ ପାଲଟପୁର ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ପଦ ପାଇଁ ଗୁରୁବାର ଅନୁଷ୍ଠିତ ନିର୍ବାଚନରେ ଶାସକ ଦଳ ପକ୍ଷରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଅଶ୍ୱିନୀ ନାୟକ ବିରୋଧୀ ମେଣ୍ଟରୁ ପ୍ରାର୍ଥୀ ହୋଇଥିବା ସରୋଜ ବିଶ୍ୱାଳଙ୍କୁ ହରାଇ ସଭାପତିଭାବେ ନିର୍ବାଚିତ ହୋଇଛନ୍ତି। ପରିଚାଳନା ସମିତିର ମୋଟ୍ ୧୫ ସଭ୍ୟଥିବାବେଳେ ଅଶ୍ୱିନୀଙ୍କୁ ୮ ସଭ୍ୟ ଓ ସରୋଜଙ୍କୁ ୭ ଜଣ ସଭ୍ୟ ଭୋଟ୍ ଦେଇଥିଲେ। ଖଣ୍ଡିଏ ଭୋଟରେ ଅଶ୍ୱିନୀ ବିଜୟଲାଭ କରିଥିବା ନେଇ ନିର୍ବାଚନ ଅଧିକାରୀ ଘୋଷଣା କରିଥିଲେ। ଅଶ୍ୱିନୀ ସଭାପତିଭାବେ ବିଜୟୀ ହେବାପରେ ତାଙ୍କୁ ବିଧାୟିକାଙ୍କ ପ୍ରତିନିଧି ପ୍ରଦୀପ କୁମାର ମହାନ୍ତି, ବିରିପଟା ପୂର୍ବତନ ସରପଞ୍ଚ ମନୋରଞ୍ଜନ ଦାସ, ପୂର୍ବତନ ସମିତିସଭ୍ୟ ମନୋଜ ଧଳ, ଜାଫରପୁର ସରପଞ୍ଚ ସୁରେନ୍ଦ୍ର କୁମାର ବେହୁରିଆ, ପାଲଟପୁର ସମିତି ସଭ୍ୟ ଧୀରେନ୍ଦ୍ର ମଲ୍ଲିକ, ବିରିପଟା ସରପଞ୍ଚଙ୍କ ପ୍ରତିନିଧି ଚିତ୍ତରଞ୍ଜନ ନାୟକ, ବ୍ଲକ୍ ଛାତ୍ର ବିଜେଡି ସଭାପତି ଚିନ୍ମୟ କୁମାର ମାହୁନ୍ତ ପ୍ରମୁଖଙ୍କ ସହ ଶତାଧିକ ଦଳୀୟ କର୍ମୀ ଏକ ଶୋଭାଯାତ୍ରାରେ ସମବାୟ ସମିତି କାର୍ଯ୍ୟାଳୟଠାରୁ ଦକ୍ଷିଣବନ୍ଧ ପର୍ଯ୍ୟନ୍ତ ନେଇଥିଲେ। ଅଶ୍ୱିନୀ ତାଙ୍କ ବିଜୟର ସମସ୍ତ ଶ୍ରେୟ ସ୍ଥାନୀୟ ବିଧାୟିକା ତଥା ମନ୍ତ୍ରୀ ପ୍ରମିଳା ମଲ୍ଲିକଙ୍କୁ ଦେବାସହ କୃଷି ଓ କୃଷକଙ୍କ ଉନ୍ନତି ନିମନ୍ତେ ସେ ସଦାସର୍ବଦା କାର୍ଯ୍ୟ କରିବେ ବୋଲି କହିଛନ୍ତି। ଅଶ୍ୱିନୀଙ୍କୁ ବରିଷ୍ଠ ବିଜେଡି ନେତା ରମେଶ ଚନ୍ଦ୍ର ରାଉତ, ମହେଶ୍ୱର ଜେନା, କମାରଡିହ ସମବାୟ ସମିତି ସଭାପତି ଭାଗିରଥି ସାହୁ, ଯୁବନେତା ପ୍ରିୟବ୍ରତ ବିଶ୍ୱାଳ, ରାଜେଶ ବିଶ୍ୱାଳ, ପ୍ରଫୁଲ୍ଲ କର, ଅବିନାଶ ମଲ୍ଲିକ, ବିରଜା ମଲ୍ଲିକ, ତପନ ରାଉତ, ରାକେଶ କୁମାର ଜେନା, ମୁକେଶ ବିଶ୍ୱାଳ, ସୁମନ ନାୟକ ଓ ଆର୍ତ୍ତବନ୍ଧୁ ମାହୁନ୍ତ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ଖରସ୍ରୋତାରେ ଗାଧୋଇବାକୁ ଯାଇ ଯୁବକ ନିଖୋଜ



ଅଗ୍ନିଶମ ବାହିନୀ ନିଖୋଜ ଯୁବକଙ୍କୁ ଖୋଜାଖୋଜି କରୁଛନ୍ତି।

ବିଞ୍ଝାରପୁର,୧୪।୭(ଡି.ଏନ.ଏ.)

ବିଞ୍ଝାରପୁର ଥାନା ଅନ୍ତର୍ଗତ ବାଙ୍କିପାଳ ନିକଟସ୍ଥ ଖାରସ୍ରୋତା ନଦୀକୁ ଗାଧୋଇବାକୁ ଯାଇ ଜଣେ ଯୁବକ ନିଖୋଜ ହୋଇ ଯାଇଛନ୍ତି। ଖବର ପାଇ ବିଞ୍ଝାରପୁର ଓ ଯାଜପୁର ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ସନ୍ଧ୍ୟା ପର୍ଯ୍ୟନ୍ତ ଖୋଜାଖୋଜି କରିଛନ୍ତି। ହେଲେ ସମ୍ପୃକ୍ତ ଯୁବକଙ୍କ ପତ୍ତା ମିଳି ପାରିନାହିଁ।

ସୂଚନା ମୁତାବକ କଏଣା–ରଘୁନାଥପୁର ପଞ୍ଚାୟତରେ ନିର୍ମାଣାଧୀନ ମେଗା ପ୍ରକଳ୍ପରେ କାର୍ଯ୍ୟରତ ୭ଜଣ ଶ୍ରମିକ ଗୁରୁବାର ମଧ୍ୟାହ୍ନରେ ବାଙ୍କିପାଳ ନିକଟସ୍ଥ ଖରସ୍ରୋତା ନଦୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଉଥିବା ବେଳେ ସେମାନଙ୍କ ମଧ୍ୟରୁ ସୟଦପୁର ପଞ୍ଚାୟତ ମିର୍ ସାହିର ରମେଶ ଦାସଙ୍କ ପୁଅ ବିଶ୍ୱଜିତ ଭାସି ଯାଇଥିଲେ। ଏହା ଜଣାପଡ଼ିବା ପରେ ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଖବରପାଇ ଘଟଣାସ୍ଥଳରେ ବିଞ୍ଝାରପୁର ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ତେବେ ବିଭାଗର ବୋଟ ଖରାପ ହୋଇଯିବାରୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ପରେ ଯାଜପୁର ଅଗ୍ନିଶମ ବାହିନୀ ବୋଟ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା।

## ଚନ୍ଦ୍ରଶେଖର ହେଲେ ଭରତପୁର ପାକ୍ସ ସଭାପତି

ବାଲିଚନ୍ଦ୍ରପୁର,୧୪।୭(ସ୍ୱ.ପ୍ର.)

ବଡ଼ଚଣା ବ୍ଲକ ଅନ୍ତର୍ଗତ ଭରତପୁର ପାକ୍ସର ସଭାପତି ଭାବେ ଚନ୍ଦ୍ରଶେଖର ବେହୁରା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଭାବେ ଗଣେଶ୍ୱର ବେହେରା, ସମ୍ପାଦକ ପ୍ରଶାନ୍ତ କୁମାର ରାଉତ, କର୍ମଚାରୀ ଦିଲୀପ କୁମାର ପ୍ରଧାନ ନିର୍ବାଚନ ପରିଚାଳନାରେ ସହଯୋଗ କରିଥିଲେ। ସରପଞ୍ଚ କିଶୋର ଚନ୍ଦ୍ର ବେହୁରା, ବିଭୂତିଭୂଷଣ ସାମଲ, ଜ୍ୟୋତ୍ସ୍ନାମୟୀ ନାୟକ, କବିତା ସେଠୀ, ଆରତି ବେହେରା, ସମିତିସଭ୍ୟା ମନୋରମା ଭଞ୍ଜ, ଦୁର୍ଗାବତୀ ସାମଲ, ରଶ୍ମିରେଖା ନାୟକ, ଶାନ୍ତିଲତା ମଳିକ, ସଞ୍ଜୁଲତା ଜେନା, ବିଜେଡି ନେତା ସୁବାସ ଚନ୍ଦ୍ର ତ୍ରିପାଠୀ, ସର୍ବେଶ୍ୱର ସାମଲ, ବସନ୍ତରାଜ ସାମଲ, ଦିଲୀପ କୁମାର ସାମଲ, ଅନିରୁଦ୍ଧ ସାମଲ, ଯଦୁନାଥ ସାମଲ, ନାରାୟଣ ପ୍ରସାଦ ଜେନା ଓ ରବିନ୍ଦ୍ର ଭଞ୍ଜ ପ୍ରମୁଖ ସଭାପତି ବେହୁରାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଅନ୍ୟପକ୍ଷରେ ସଭାପତି ବେହୁରା ଓ ଅନ୍ୟ ସଭ୍ୟାସଭ୍ୟ ବିଧାୟକ ଅମର ପ୍ରସାଦ ଶତପଥୀ, ବ୍ଲକ ବିଜେଡି ସଭାପତି ଅରବିନ୍ଦ ସାମଲ, ଜିଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ବ୍ଲକ ଅଧ୍ୟକ୍ଷା ମିନତି ସେନାପତି ଓ ଉପାଧ୍ୟକ୍ଷ ବିଭାଷ ନନ୍ଦଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ବର୍ଷକ ପରେ ଧରାପଡ଼ିଲେ ୪ ଅଭିଯୁକ୍ତ



ଗିରଫ ଅଭିଯୁକ୍ତମାନେ।

ଚଣ୍ଡିଖୋଲ,୧୪।୭(ଡି.ଏନ୍.ଏ.)

**ଜାତୀୟ ରାଜପଥରୁ ଲୁଟ୍ ଘଟଣାର ପର୍ଦ୍ଦାଫାଶ**

ଦୀର୍ଘ ଏକ ବର୍ଷ ତଳେ ବଡ଼ଚଣା ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର କଡ଼ାଇ ଛକ ନିକଟରେ ଏକ ଗାଡ଼ିରୁ ଲୁଟ୍ କରିଥିବା ଅଭିଯୋଗରେ ବଡ଼ଚଣା ପୋଲିସ ୪ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ମାହାଙ୍ଗା ଥାନା ଅନ୍ତର୍ଗତ ମଧୁପୁର ଗ୍ରାମର ସୁସୁରି ବେହେରା, ଦୋବଣ୍ଡିଆ ଗ୍ରାମର ରଞ୍ଜନ କୁମାର ସ୍ୱାଇଁ, ମଧୁପୁର ଗ୍ରାମର ଅଜୟ ବିଶ୍ୱାଳ ଓ ଧର୍ମଶାଳା ଥାନା ଅନ୍ତର୍ଗତ ଡେରାବର ଗ୍ରାମର ଚନ୍ଦନେଶ୍ୱର ନାୟକ। ଗିରଫ ଯୁବକମାନଙ୍କ ନାମରେ ବିଭିନ୍ନ ଥାନାରେ ମାମଲା ରହିଛି।

ସୂଚନା ଅନୁସାରେ, ୨୦୨୧ ଅଗଷ୍ଟ ୧୦ରେ ବରଗଡ଼ରୁ ଏକ ପିକଅପ୍ ଭ୍ୟାନ୍ ଧନିଆ ବୋଝେଇ କରି ଯାଜପୁର ଜିଲାର ବାରବାଟୀ ହାଟକୁ ଆସୁଥିଲା। ବିଳମ୍ବିତ ରାତିରେ ୧୬ନମ୍ବର ଜାତୀୟ ରାଜପଥର କଡ଼ାଇଛକ ନିକଟରେ ୪ ଲୁଟେରା ଆସି ପିକଅପ୍ ଭ୍ୟାନ୍‌କୁ ଅଟକାଇବା ସହ ମାରଣାସ୍ତ୍ର ଦେଖାଇ ଚାଳକଙ୍କ ନିକଟରୁ ଟଙ୍କା ଛଡ଼ାଇ ନେଇଥିଲେ। ଏ ସମ୍ପର୍କରେ ଗାଡ଼ି ଚାଳକ ବଡ଼ଚଣା ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୩୦୨/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ହେଲେ ଲୁଟେରାଙ୍କ କୌଣସି ସୁରାକ ପାଇ ନ ଥିଲା। ଥାନା ଅଧିକାରୀ ଭାବେ ସୁଶୀଲ ନାୟକ ଯୋଗଦେବା ପରେ ଲୁଟ୍‌ର ଶିକାର ହୋଇଥିବା ବ୍ୟକ୍ତି ଜଣକ ତାଙ୍କୁ ଭେଟି ଲୁଟେରାଙ୍କୁ ଧରିବାକୁ ଦାବି କରିଥିଲେ।

# ଜରି ସମବାୟ ସମିତି ସଭାପତି ହେଲେ ଦିଲୀପ

ବିଞ୍ଝାରପୁର,୧୪।୭(ଡି.ଏନ.ଏ.)

ବିଞ୍ଝାରପୁର କେନ୍ଦ୍ରୀୟ କୃଷି ସମବାୟ ବ୍ୟାଙ୍କ ଲିଃ ଅଧୀନ ଜରି ପ୍ରାଥମିକ କୃଷି ସେବା ସମବାୟ ସମିତି ସଭାପତି ଭାବେ ଦିଲୀପ ରାଉତ ଗୁରୁବାର ନିର୍ବାଚିତ ହୋଇଛନ୍ତି। ଏହି ସମବାୟ ସମିତି ସଭାପତି ପଦ ପାଇଁ ଦିଲୀପ ଓ ଲତା ମଲ୍ଲିକ ନାମାଙ୍କନ ପତ୍ର ଦାଖଲ କରିଥିଲେ। ନିର୍ବାଚନରେ ଉକ୍ତ ଦୁଇ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା



ନୂତନ ସଭାପତିଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଉଛି।

ହୋଇଥିଲା। ସମିତିର ୧୫ଜଣ ସଦସ୍ୟଙ୍କ ମଧ୍ୟରୁ ୧୨ଜଣ ଦିଲୀପଙ୍କୁ ଓ ୩ଜଣ ଲତାଙ୍କୁ ଭୋଟ ଦେଇଥିଲେ। ଫଳରେ ଦିଲୀପ ସଭାପତି ନିର୍ବାଚିତ ହୋଇଥିଲେ। ନିର୍ବାଚନ ଫଳ ପ୍ରକାଶ ପାଇବାପରେ ସ୍ଥାନୀୟ ବିଜେଡିରେ ଉତ୍ସାହ ଦେଖିବାକୁ ମିଳିଛି। ନୂତନ ସଭାପତିଙ୍କୁ ପଞ୍ଚାୟତ ସମିତି ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ଉପାଧ୍ୟକ୍ଷ ସେକ୍ ଇର୍ସାଦ, ଜିଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲ, ନନ୍ଦକିଶୋର ମଲ୍ଲିକ ଓ ପ୍ରଦ୍ୟୁମ୍ନ ପାତ୍ରଙ୍କ ସମେତ ସେବାସମବାୟ ସମିତିର ସମସ୍ତ ସଭ୍ୟାସଭ୍ୟ ଏବଂ ଚାଷୀ ଅଭିନନ୍ଦନ ଜଣାଇଛନ୍ତି।

# ଚୋରି ସ୍କୁଟି ଜବତ, ୨ ଗିରଫ

ଟାଙ୍ଗୀ(ଖୋର୍ଦ୍ଧା),୧୪।୭(ଡି.ଏନ୍.ଏ.)

ଟାଙ୍ଗୀଥାନା ଅନ୍ତର୍ଗତ କାଲୁପଡା ଘାଟ ନିକଟସ୍ଥ ଜଗାବଳିଆ ଲଜ ଆଗରୁ ଚୋରି ହୋଇ ଥିବା ଏକ ସ୍କୁଟିକୁ ଭୁବନେଶ୍ୱର ୨ ନମ୍ବର ମାର୍କେଟ ନିକଟରୁ ପୋଲିସ ଜବତ କରିବା ସହ ୨ଜଣ ଚୋରଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଗଞ୍ଜାମ ଜିଲା କୋଦଳା ଥାନା ଅନ୍ତର୍ଗତ ବେଲଝରି ଗ୍ରାମର କୃଷ୍ଣଚନ୍ଦ୍ର ପ୍ରଧାନ ଓ ନୟାଗଡ଼ ଜିଲା ଚାନ୍ଦପୁର ଥାନା ଅନ୍ତର୍ଗତ ଡୋମଣି ସାହିର ଜଗନ କୁମାର ସାହୁ। ଏ ନେଇ ଥାନାରେ ଏକ ମାମଲା(ନଂ.୩୪୧/୨୨) ରୁଜୁ କରି ତଦନ୍ତ ଚଳାଇଛି। ବାଲୁଗାଁ ଏସଡିପିଓ ମାନସ ରଞ୍ଜନ ବାରିକଙ୍କ ନିର୍ଦ୍ଦେଶକ୍ରମେ ଥାନା ଆଇଆଇସି ଦିଗବିଜୟ ବିଶ୍ୱାଳଙ୍କ ନେତୃତ୍ୱରେ ଗଠିତ ଏକ ଟିମ ବିଭିନ୍ନ ସ୍ଥାନରେ ଚଢାଉ କରିଥିବା ବେଳେ ଚୋରି ସ୍କୁଟିକୁ ଉଦ୍ଧାର କରିବାରେ ସଫଳ ହୋଇଛି।

# ଭାଜପା ଯୁବମୋର୍ଚ୍ଚାର ବିକ୍ଷୋଭ



ଭାଜପା ଯୁବମୋର୍ଚ୍ଚା କର୍ମକର୍ତ୍ତା ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଯାଜପୁର ରୋଡ,୧୪।୭(ଡି.ଏନ.ଏ.)

**ଦ୍ରୌପଦୀ ମୁର୍ମୁଙ୍କୁ ନେଇ କଂଗ୍ରେସ ନେତାଙ୍କ ବିବାଦୀୟ ମନ୍ତବ୍ୟକୁ ବିରୋଧ**

ଏନଡିଏର ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ନେଇ କଂଗ୍ରେସ ମୁଖପାତ୍ର ଅଜୟ କୁମାରଙ୍କ ବିବାଦୀୟ ମନ୍ତବ୍ୟ ପ୍ରତିବାଦରେ ଗୁରୁବାର ଭାଜପା ଯାଜପୁର ଜିଲା ଯୁବମୋର୍ଚ୍ଚା ପକ୍ଷରୁ ଯାଜପୁର ରୋଡ ଗୋପବନ୍ଧୁ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତି ଓ ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଇରାଶିସ ଆଚାର୍ଯ୍ୟଙ୍କ ଆହ୍ୱାନକ୍ରମେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ପୂର୍ବାହ୍ନରେ ଭାଜପା ଜିଲା ସଭାପତି ଗୌତମ ରାୟ, ପ୍ରଭାରୀ ସାରଦା ଶତପଥୀଙ୍କ ନେତୃତ୍ୱରେ ଜିଲା କାର୍ଯ୍ୟକର୍ତ୍ତାମାନଙ୍କୁ ନେଇ ଏକ ବୈଠକରେ ନିନ୍ଦା ପ୍ରସ୍ତାବ ଆଗତ କରାଯିବା ସହ କଂଗ୍ରେସ ନିସର୍ତ୍ତ କ୍ଷମା ପ୍ରାର୍ଥନା କରୁ ବୋଲି ଦାବିହୋଇଥିଲା। ଏଥିରେ ଜିଲା ସାଧାରଣ ସମ୍ପାଦକ ସୁଦୀପ୍ତ ପଣ୍ଡା, ଶଶିଭୂଷଣ ସାହୁ, ମାୟାଧର ପଲେଇ, ମକୁନ୍ଦ ସାହୁ, ସୁରଜ ଲାଲ ସାମଲ, ଦେବକାନ୍ତ ଶତପଥୀ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ । ଏହି ବିକ୍ଷୋଭରେ ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ବିକ୍ରମ ବିଶ୍ୱାଳ, ରାଜ୍ୟ ମହିଳା ମୋର୍ଚ୍ଚା ସମ୍ପାଦିକା ଇତିଶ୍ରୀ ଜେନା, ଜିଲା ସମ୍ପାଦିକା ଦିପ୍ତିମୟୀ କୁଅଁର, ମଣ୍ଡଳ ସଭାପତି ଅଚ୍ୟୁତାନନ୍ଦ ଦାସ, ପ୍ରମୋଦ ସାହୁ, ନୀଳମାଧବ ଚକ୍ର, ପ୍ରଭାରୀ ସରୋଜ ଦେ, ନିତ୍ୟାନନ୍ଦ ମହାଳିକ, ବିଜୟ ଘଡ଼େଇ, ଶଶୀଭୂଷଣ ସେନାପତି, ବୁଦ୍ଧୁନି ଦରାଇ, ଜିଲା ଯୁବମୋର୍ଚ୍ଚା କୋଷାଧ୍ୟକ୍ଷ ଅମ୍ଳାନ ସାହୁ, ମଣ୍ଡଳ ଯୁବ ସଭାପତି ସୁଶାନ୍ତ ସାହୁ, ସୁଜିତ ସ୍ୱାଇଁ, ଅମର ମଲ୍ଲିକ, ପ୍ରଶାନ୍ତ ବୋଇତାଇ, ଗଣେଶ ମାଝି, ଦେବାଶିଷ ପାଣିଗ୍ରାହୀ, ପ୍ରଶାନ୍ତ ସାହୁ, କ୍ଷୀରୋଦ ଦାସ, ଗୋପାଳକୃଷ୍ଣ ପାଢ଼ୀ, ସଞ୍ଜୟ ବାରିକ, ନିହାର ସାହୁ, ସୁରେଶ ବେହେରା, ବିକାଶ କୁମାର, ସର୍ବେଶ୍ୱର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

# ଲିଜ୍‌ଧାରୀଙ୍କୁ ସୁରକ୍ଷା, ଲୋକେ ଦୋଷୀ

ଯାଜପୁର ଅଫିସ,୧୪।୭

**ରାଇଚନ୍ଦା ବାଲିଘାଟରୁ ବାଲି ଲୁଟ୍ ମାମଲା**

ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ଡଙ୍କାରୀରେ କଳାପଥର ଖାଦାନ ପରେ ଏବେ ବ୍ରାହ୍ମଣୀ ନଦୀର ରାଇଚନ୍ଦା ବାଲିଘାଟରୁ ବିପୁଳ ବାଲି ଲୁଟର ପର୍ଦ୍ଦାଫାସ ହୋଇଛି। ବଳରାମପୁର-୨ ରାଜସ୍ୱ ନୀରିକ୍ଷକ(ଆରଆଇ) ତାଙ୍କ ୧୫।୧୦।୨୦୨୧ ଓ ୨୧।୧।୨୦୨୨ରେ ତଦନ୍ତ ରିପୋର୍ଟରେ ସ୍ପଷ୍ଟ ଭାବେ ସ୍ଥାନୀୟ ଲୋକ ମେଶିନ ଲଗାଇ ବାଲି ଲୁଟ କରିଥିବା ଦର୍ଶାଇଛନ୍ତି। ଅନ୍ୟପକ୍ଷେ ଏହି ତଦନ୍ତ ରିପୋର୍ଟ ଲିଜଧାରୀ ଏସ୍‌ଟି ମିନେରାଲ୍ସ ପ୍ରାଇଭେଟ ଲିଃକୁ ସୁରକ୍ଷା ଦେବାକୁ ଯାଇ ପ୍ରସ୍ତୁତ କରାଯାଇଛି ବୋଲି ସାମାଜିକ କର୍ମୀ ସର୍ବେଶ୍ୱର ବେହୁରା ଲୋକାୟୁକ୍ତରେ ଅଭିଯୋଗ କରିଛନ୍ତି।

ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ, ୫୩ ନମ୍ବର ଜାତୀୟ ରାଜପଥର ଧର୍ମଶାଳା ତହସିଲ ଅନ୍ତର୍ଗତ କବାଟବନ୍ଧ ବ୍ରିଜ ନିକଟରେ ଥିବା ରାଇଚନ୍ଦା ବାଲିଘାଟର ପ୍ଲଟ ନମ୍ବର୨(ପି) ଓ ଖାତା ନମ୍ବର



୪୮୧ରୁ ୨୦ ଏକର ପରିମିତ ଅଞ୍ଚଳରୁ ବାଲି ଉତ୍ତୋଳନ କରିବାକୁ ଲିଜଧାରୀଙ୍କୁ ଅନୁମତି ମିଳିଥିଲା। ଏନେଇ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି)ର କଳିଙ୍ଗନଗର ଆଞ୍ଚଳିକ କାର୍ଯ୍ୟାଳୟରୁ ୨୦।୫।୨୦୨୨ରେ ଅନୁମତି ମଧ ମିଳିଛି। ଏଥିରେ ୫ ବର୍ଷ ପାଇଁ ୮୪,୦୦୦ ଘନମିଟର ବାଲି ଉତ୍ତୋଳନ କରିବେ ବୋଲି ଦର୍ଶାଯାଇଛି। ହେଲେ ମେସିନ ଲଗାଇ ଲିଜଧାରୀ ଅନୁମତିଠାରୁ ବହୁ ଗୁଣରେ ଅଧିକ ବାଲି ଉତ୍ତୋଳନ କରି ରାଜସ୍ୱ କ୍ଷତିର ଏକ ବାହାକ ସାଜିଛନ୍ତି।

ସୂଚନାଯୋଗ୍ୟ, ପୂର୍ବରୁ ୨୮।୧।୨୦୨୧ରେ ଉକ୍ତ ବାଲିଘାଟର ଲିଜ ଅବଧି ସରି ଯାଇଥିଲା। ଏହାପରେ କୌଣସି ଅନୁମତି ନ ନେଇ ମେଶିନ ସହାୟତାରେ ବିପୁଳ ପରିମାଣର ବାଲି ଉତ୍ତୋଳନ କରାଯାଇଛି। ଏନେଇ ବେହୁରା ଧର୍ମଶାଳା ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାପରେ ତହସିଲଦାର ସ୍ୱାଗତ ଦାସ ଲିଜ୍‌ଧାରୀ ଏସଟି ମିନେରାଲ୍ସର ନିର୍ଦ୍ଦେଶକ ଶ୍ରୀବାସ ଜେନାଙ୍କୁ ୨୬।୩।୨୦୨୨ରେ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ଏହି ନୋଟିସ ମିଳିବା ପରେ ଲିଜ୍‌ଧାରୀଙ୍କ ପକ୍ଷରୁ ସ୍ଥାନୀୟ ଲୋକ ବାଲି ଉତ୍ତୋଳନ କରିଛନ୍ତି ବୋଲି ଉତ୍ତର ରଖିଥିଲେ। ଏଠାରେ ପ୍ରଶ୍ନ ଉଠେ ଯେ, ଯଦି ସ୍ଥାନୀୟ ଲୋକ ବେଆଇନ ଭାବେ ବାଲି ଉତ୍ତୋଳନ କରିଛନ୍ତି ତେବେ ତାଙ୍କ ବିରୋଧରେ ଆଇନଗତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ କାହିଁକି। ପ୍ରଭାବଶାଳୀ ଲିଜ୍‌ଧାରୀଙ୍କୁ ସୁରକ୍ଷା ଦେବାକୁ ଯାଇ ସ୍ଥାନୀୟ ଲୋକଙ୍କ ଉପରେ ଦୋଷ ଲଦି ଦେବାକୁ ପ୍ରୟାସ କରାଯାଇଥିବା ଏଥିରୁ ସ୍ପଷ୍ଟ ବୋଲି ଅଭିଯୋଗକାରୀ ବେହୁରା ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

ବୁଗୁଡ଼ା,୧୪।୭(ଡି.ଏନ.ଏ.)-ବୁଗୁଡା ପିପୁଲ୍ସ କଲେଜ ତରଫରୁ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅଧକ୍ଷ ରଜନୀ କାନ୍ତ ଦାଶଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ ଡେମୋନଷ୍ଟ୍ରେଟର୍ ଭଗବାନ ସ୍ୱାଇଁ ଏବଂ ଅଣଶୈକ୍ଷିକ କର୍ମଚାରୀ ଜୟଦେବ ମାଟିଆଙ୍କୁ ଉପହାର, ଉପଢୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ କର୍ମଚାରୀ ସଂଘ ସମ୍ପାଦକ ଅକ୍ଷୟ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶେଷରେ ସହସମ୍ପାଦକ ସୁଶାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ବନ ମହୋତ୍ସବ

ଗୋପାଳପୁର,୧୪।୭(ଡି.ଏନ.ଏ.)- ରଙ୍ଗେଇଲୁଣ୍ଡା ବ୍ଲକ ବଡ଼କୁଶସ୍ଥଳୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ବୁଧବାର ବନମହୋତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବନ ବିଭାଗ ଅଧିକାରୀ ରଜତ କୁମାର ମିଶ୍ର ଯୋଗଦେଇ ଚାରାରୋପଣର ଆବଶ୍ୟକତା ବିଷୟରେ ଅବଗତ କରିଥିଲେ।ଏହି ଅବସରରେ ବିଦ୍ୟାଳୟର ଇକୋ କ୍ଲବ ଓ ଜାତୀୟ ସବୁଜ ବାହିନୀର ଛାତ୍ରୀଛାତ୍ର ବିଦ୍ୟାଳୟ ପରିସରରେ ବିଭିନ୍ନ କିସମର ଚାରାରୋପଣ କରିଥିଲେ। ଶିକ୍ଷୟିତ୍ରୀ ତୁହିନା ମହାପାତ୍ର, ଟି. ବୈଜୟନ୍ତୀ ପାତ୍ର, ପ୍ରସନ୍ନ କୁମାର ସାହୁ, ସୁନିତା ସାହୁ, ନମିତା ସାହୁ, ଗୟତ୍ରୀ ମହାପାତ୍ର, ସୁମିତ୍ରା ସ୍ୱାଇଁ, ସତ୍ୟପ୍ରକାଶ ବେହେରା, ମାମିନି ସାହୁ, ଶୁଭଶ୍ରୀ ସାହୁ, ରେଣୁକା ଲୁଗୁନ, ବିପିନ ପାତ୍ର ଓ ସୁଦର୍ଶନ ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଏଟିଏମ୍ ଭାଙ୍ଗି ଟଙ୍କା ଲୁଟ ଉଦ୍ୟମ



ଆସିକା,୧୪।୭(ଡି.ଏନ.ଏ)-ଆସିକା ଏନ୍ଏସି ବିଜୁ ପଟ୍ଟନାୟକ ଛକ ନିକଟ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଶାଖା ସଂଲଗ୍ନ ଏଟିଏମ କାଉଣ୍ଟର ଭାଙ୍ଗି ବୁଧବାର ବିଳମ୍ବିତ ରାତିରେ ଟଙ୍କା ଲୁଟ ଉଦ୍ୟମ ହୋଇଥିଲା । ତେବେ ପୋଲିସ ପାଟ୍ରୋଲିଂ ଗାଡିର ସୁରାକ ପାଇ ଲୁଟେରା ଛତ୍ରଭଙ୍ଗ ଦେଇଥିଲେ। ପୋଲିସ ଏହାର ତଦନ୍ତ ଜାରି ରହିଛି । ସିସିଟିଭି ଫୁଟେଜରେ ଦେଖାଯାଇଛି, ଜଣେ ଲୁଟେରା ରାତ୍ର ପ୍ରାୟ ୨ଟାରେ ଏଟିଏମ କାଉଣ୍ଟରରେ ପଶି ପ୍ରଥମେ ଏଟିଏମ ମେଶିନର ଡୋର ସବୁ ତାଡି ଷ୍ଟ୍ରଙ୍ଗ ରୁମ ଭାଙ୍ଗିବା ଲାଗି ଉଦ୍ୟମ କରୁଥିଲା ବେଳେ ତାହା ବ୍ୟର୍ଥ ହୋଇଛି । ପୋଲିସ ଗାଡ଼ି ସାଇରନ ଶୁଣି ଲୁଟେରା ଗୋଟିଏ ସ୍କ୍ରୁ ଡ୍ରାଇଭର, ହାତୁଡି ଓ ଷ୍ଟିଲରଡ ଥିବା ବ୍ୟାଗ ଛାଡ଼ି ଚମ୍ପଟ ମାରିଥିଲେ। ଆସିକା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ବିଳମ୍ବିତ ରାତିରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଗୁରୁବାର ସକାଳେ ଛତ୍ରପୁରରୁ ସନ୍ଧାନୀ କୁକୁର ସହ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ କରିଛନ୍ତି ।

ଆସିକା ଏନଏସି ଅଞ୍ଚଳରେ ବିଭିନ୍ନ ବ୍ୟାଙ୍କର ମୋଟ ୧୭ଟି ଏଟିଏମ ରହିଛି। ତେବେ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ଓ ପୋଷ୍ଟ ଅଫିସ ସଂଲଗ୍ନ ଏଟିଏମରେ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ଏଥିପୂର୍ବରୁ ବହୁ ବାର ବିଭିନ୍ନ ଅର୍ଥଲଗାଣକାରୀ ସଂସ୍ଥା ଓ ବ୍ୟାଙ୍କଗୁଡ଼ିକୁ ସଶସ୍ତ୍ର ସୁରକ୍ଷା ବଳ ନିୟୋଜିତ ଲାଗି କୁହାଯାଉଥିଲେ ମଧ ଏଥିପ୍ରତି ଦୃଷ୍ଟି ଦିଆଯାଉନଥିବା ପୋଲିସ ପକ୍ଷରୁ କୁହାଯାଇଛି । ଲୁଟ ଉଦ୍ୟମ ଘଟଣା ପରେ ଗୁରୁବାର ମଧ ପୋଲିସ ପକ୍ଷରୁ ବିଭିନ୍ନ ବ୍ୟାଙ୍କ ଓ ଅର୍ଥଲଗାଣକାରୀ ସଂସ୍ଥାକୁ ସଶସ୍ତ୍ର ସୁରକ୍ଷା କର୍ମୀ ନିୟୋଜିତ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିବା ଥାନା ଅଧିକରୀ ସାହୁ ସୂଚନା ଦେଇଛନ୍ତି ।

### ଦୁର୍ଘଟଣାରେ ବାଇକ ଆରୋହୀଙ୍କ ମୃତ୍ୟୁ

ଆସିକା,୧୪।୭(ଡି.ଏନ.ଏ)- ଗାଙ୍ଗପୁର ଥାନା କଣ୍ଟେଇପଲ୍ଲୀ-ସୋରଡା ରାସ୍ତା ଦୁବଲୁଣ୍ଡା ଛକ ନିକଟରେ ଗୁରୁବାର ଏକ ବାଇକ ଦୁର୍ଘଟଣାରେ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଭଞ୍ଜନଗର ଥାନା ଅନ୍ତର୍ଗତ ଖମାରେଡ଼ି ଗ୍ରାମର ବୁବୁନା ଜେନା (୨୯) । ବୁବୁନା ବାଇକରେ ଶ୍ୱଶୁର ଘର ବଡବୋରସିଙ୍ଗି ଯାଉଥିଲା ବେଳେ ଦୁବଲୁଣ୍ଡା ଛକ ନିକଟରେ ରାସ୍ତା କଡରେ ଥିବା ଗୋଟିଏ ଗଛକୁ ଧକ୍କା ଦେଇଥିଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ଲାଗି ଭଞ୍ଜନଗର ଡାକ୍ତରଖାନାକୁ ପଠାଇଛି । ଏ ନେଇ ଗାଙ୍ଗପୁର ଥାନାରେ ୨୭୯/୨୨ରେ ଏକ ମାମଲା ରୁଜୁ କରାଯାଇଛି।

# ଆବାସ ଯୋଜନା ଲକ୍ଷ୍ୟଠାରୁ ଦୂରରେ

## ବିପଦପୂର୍ଣ୍ଣ କୁଡ଼ିଆରେ ୩ ଜୀବନ

ଆର.ଉଦୟଗିରି,୧୪।୭(ଡି.ଏନ.ଏ.)

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ଅସହାୟ ଓ ଗରିବ ଲୋକଙ୍କୁ ଘର ଯୋଗାଇବା ପାଇଁ ବହୁ ଯୋଜନା କାର୍ଯ୍ୟକାରୀ ହୋଇଛି। ହେଲେ ଏହି ଯୋଜନା ଗଜପତି ଜିଲାରେ ଲକ୍ଷ୍ୟଠାରୁ ବହୁ ଦୂରରେ ଥିବା ସ୍ପଷ୍ଟ ହୋଇଛି। ଗତ ୫ ବର୍ଷ ଧରି ଗଜପତି ଜିଲାର ମୋହନା ବ୍ଲକ ମହକୁମାଠାରେ ଏକ ବିପଦପୂର୍ଣ୍ଣ କୁଡ଼ିଆରେ ପାଲ ତଳେ ଦୁର୍ଦ୍ଦିନରେ ରହିଆସୁଛନ୍ତି ୩ ଜଣ ମହିଳା। ପ୍ରକୃତ ହିତାଧିକାରୀ ଏବଂ ଅସହାୟ ଗରିବଙ୍କୁ ଆବାସ ଯୋଜନାରେ ଘର ମିଳୁ ନ ଥିବାବେଳେ ଅଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଜନାରେ ଘର ଦିଆଯାଉଥିବା ଅଭିଯୋଗ ହେଉଛି।

ପ୍ରକାଶ ଯେ, ଗଜପତି ଜିଲା ମୋହନା ବ୍ଲକ କାର୍ଯ୍ୟାଳୟଠାରୁ କିଛି ଦୂରରେ ରହିଛି ଭିନ୍ନକ୍ଷମ ପାଲଟିଥିବା ସୁମିତ୍ରାଙ୍କ ଭଙ୍ଗା ଦଦରା ଜରି କୁଡ଼ିଆ। ଏହି ଜରି କୁଡ଼ିଆରେ ରହୁଛନ୍ତି ସୁମିତ୍ରାଙ୍କ ସହ ତାଙ୍କ ରୋଗଣା ଝିଅ ଓ ନାତି। ସରକାର ବାସହୀନଙ୍କୁ ଆବାସ ଯୋଗାଇବା ପାଇଁ ଯୋଜନା କରିଛନ୍ତି। କିନ୍ତୁ ଏହା ଯୋଜନାରେ ରହିଯାଉଛି। ଯୋଜନାରେ ଘର ପାଇବା ପାଇଁ ଯୋଗ୍ୟ ହୋଇଥିଲେ ମଧ୍ୟ ତାଙ୍କୁ ମିଳି ପାରିନାହିଁ। ଫଳରେ ଦୀର୍ଘ ୫ ବର୍ଷ ହେବ ଭଙ୍ଗା ଦଦରା ଘରେ ପଲିଥିନ ଘୋଡାଇ ବିପଦ ସଂକୁଳ ଅବସ୍ଥାରେ ଜୀବନ ଅତିବାହିତ କରି ଆସୁଛନ୍ତି। ଆବାସ ଯୋଜନାରେ ଘର ଖଣ୍ଡିଏ ପାଇଁ ବିଭିନ୍ନ ସମୟରେ ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପାଖରେ ଗୁହାରି କରିଛନ୍ତି। ହେଲେ ତାଙ୍କ ପ୍ରତି କାହାରି ସୁଦୃଷ୍ଟି ପଡ଼ିନାହିଁ। ଏବେ ଲାଗି ରହିଛି ଲଗାଣ ବର୍ଷା। କେତେବେଳେ ଯେ ଏହି ପାଲ ଛପର ପଲିଥିନ କୁଡ଼ିଆ ଭୁଶୁଡି ପଡିବ ତାର ମଧ୍ୟ ଠିକ ଠିକଣା ନାହିଁ। ଏମିତିରେ ଭରସାରେ ମା, ଝିଅ ଓ ନାତି ଏହି ଛପର ଘରେ ଦିନ କାଟୁଛନ୍ତି। ହେଲେ ମା' ଭିନ୍ନକ୍ଷମ ହୋଇଥିବା ବେଳେ ଝିଅ ମଧ୍ୟ ମାନସିକ ରୋଗରେ ପୀଡିତ ଓ ରୋଜଗାର କହିଲେ କିଛି ନାହିଁ। ମୋହନା ଗ୍ରାମ ପଞ୍ଚାୟତରୁ ୫ କିଲୋ ଟଙ୍କି କିଆ ଚାଉଳ ମିଳୁଥିବା ବେଳେ ଏବେ ତାକୁ ଯୋଗାଣ ବିଭାଗ ବନ୍ଦ କରିଦେଇଛି। ଫଳରେ କିଛି ଲୋକେ ବେଳେବେଳେ ରନ୍ଧା ଖାଦ୍ୟ ଦେଉଛନ୍ତି । ବହୁ ସମୟରେ ଉପାସ ରହିବାକୁ ପଡୁଛି। ଫଳରେ ଭାଗ୍ୟକୁ ଆଦରି ଚୁପ ରହିଥିବା ସୁମିତ୍ରା କୋହଭରା କଣ୍ଠରେ ପ୍ରଶାସନକୁ ସାହାର୍ଯ ମାଗିଛନ୍ତି।

## ସପୁରି ପ୍ରକ୍ରିୟାକରଣ କେନ୍ଦ୍ର ଉଦଘାଟିତ



ସପୁରୀ ପ୍ରକ୍ରିୟାକରଣ କେନ୍ଦ୍ର ଉଦଘାଟନ କରୁଛନ୍ତି ଜିଲାପାଳ ।

ରାୟଗଡ଼(ଗଜପତି)୧୪।୭

ଗଜପତି ଜିଲା ରାୟଗଡ଼ ବ୍ଲକ ଡମ୍ବାଳ ପଞ୍ଚାୟତ ସିନ୍ଧିବା ଗ୍ରାମରେ ମିଶନ ଜୀବିକା ପକ୍ଷରୁ ବୁଧବାର ସପୁରି ପ୍ରକ୍ରିୟାକରଣ କେନ୍ଦ୍ର ଉଦଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ତଥା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ଅଧକ୍ଷ ଲିଙ୍ଗରାଜ ପଣ୍ଡା ଯୋଗଦେଇ ଏହାର ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଫାଲଗୁନୀ ମାଝି, ଜିଲା ମଙ୍ଗଳ ଅଧିକାରୀ ସନ୍ତୋଷ କୁମାର ରଥ, ଭାରପ୍ରାପ୍ତ ବିଡିଓ ପିତାମ୍ବର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବିପିଏମ ଲତିକା ଦେବୀ ଓ ମିଶନ ଜିବିକା ପ୍ରୋଜେକ୍ଟ ମ୍ୟାନେଜର ଗୌତମୀ ସ୍ୱାଇଁ ପରିଚାଳନା କରିଥିଲେ।

## ଲଗାଣ ବର୍ଷାରେ ଶିକ୍ଷାନୁଷ୍ଠାନ ଜଳାର୍ଣ୍ଣବ



ଜଳାର୍ଣ୍ଣବ ଶିକ୍ଷାନୁଷ୍ଠାନ।

ଜି.ଉଦୟଗିରି,୧୪।୭(ଡି.ଏନ.ଏ.)

ଜି.ଉଦୟଗିରିରେ ଦୁଇଦିନର ଲଗାଣ ବର୍ଷାରେ ହାତୀଶାଳ ଉପ୍ରା ବିଦ୍ୟାଳୟ, ହବାକ୍ ହାଇସ୍କୁଲ ସହିତ ବିଭିନ୍ନ ଶିକ୍ଷାନୁଷ୍ଠାନ ପରିସର ଜଳାର୍ଣ୍ଣବ ହୋଇଛି। ଡ୍ରେନେଜ ବ୍ୟବସ୍ଥା ନଥିବା ଯୋଗୁ ପିଲାମାନେ ଆଣ୍ଠୁଏ ପାଣିରେ ଯା'ଆସ କରୁଛନ୍ତି। ବିଦ୍ୟାଳୟରେ ସ୍ୱାସ୍ଥ୍ୟକର ପରିବେଶ ପାଇଁ ସରକାର ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରୁଥିବା ବେଳେ ଏମିତି ଯୋଜନା ବିହୀନ ନିର୍ମାଣ କାର୍ଯ୍ୟ କାହା ସ୍ୱାର୍ଥରେ ବୋଲି ଅଭିଭାବକମାନେ ପ୍ରଶ୍ନ କରିଛନ୍ତି । ସେହିପରି ବ୍ଲକର ଏମିତି ଅନେକ ସ୍କୁଲର ଶ୍ରେଣୀ ଗୃହର ଅବସ୍ଥା ଭଲ ନାହିଁ। ବିଦ୍ୟାଳୟ ଗୁଡିକରେ ଜଳ ନିଷ୍କାସନ କରିବା ସହ ପରିବେଶ ସ୍ୱଚ୍ଛ ରଖିବାକୁ ଅଭିଭାବକମାନେ ଦାବି କରିଛନ୍ତି। ସ୍ଥାନୀୟ ପ୍ରଶାସନ ବିଦ୍ୟାଳୟ ଗୁଡିକର ପରିବେଶ ସ୍ୱଚ୍ଛ ରଖିବା ପାଇଁ ସାଧାରଣରେ ଦାବି ହେଉଛି।

## ଚନ୍ଦ୍ରଗିରିରେ ଆଦିମ ଜନଜାତି ସଂଗ୍ରହାଳୟ

ଆର.ଉଦୟଗିରି,୧୪।୭(ଡି.ଏନ.ଏ.)

ଗଜପତି ଜିଲା ଚନ୍ଦ୍ରଗିରି ଠାରେ ଆଦିମ ଜନଜାତିଙ୍କ ଦୈନନ୍ଦିନ ବ୍ୟବହୃତ ସାମଗ୍ରୀର ଏକ ସଂଗ୍ରହାଳୟ ଜିଲାପାଳ ଲିଙ୍ଗରାଜ ପଣ୍ଡାଙ୍କ ଦ୍ୱାରା ବୁଧବାର ଉଦଘାଟିତ ହୋଇଯାଇଛି। ପର୍ଯ୍ୟଟନ କ୍ଷେତ୍ର ଚନ୍ଦ୍ରଗିରି ଦେଶ ବିଦେଶରେ ପରିଚିତ ଥିବାବେଳେ ସେଥିରେ ଏହି ସଂଗ୍ରହାଳୟ ସାମିଲ ହୋଇଛି। ଆଦିବାସୀମାନଙ୍କ ନିତ୍ୟ ବ୍ୟବହୃତ ସାମଗ୍ରୀକୁ ସଉରା ଉନ୍ନୟନ ସଂସ୍ଥା ସଂଗ୍ରହ କରି ସଂଗ୍ରହାଳୟରେ ସ୍ଥାନଦେଇ ଏହାକୁ ପର୍ଯ୍ୟଟନ କ୍ଷେତ୍ରର ପରିଚୟ ଦେଇଛନ୍ତି। ଏଠାରେ ଆଦିବାସୀମାନଙ୍କ ଘର ଠାରୁ ଆରମ୍ଭ କରି ନିତ୍ୟ ବ୍ୟବହୃତ ଜିନିଷ ଓ ପ୍ରୋଜେକ୍ଟର ମାଧ୍ୟମରେ ସେମାନଙ୍କ ଜୀବନ ଶୈଳୀ ଦେଖିହେବ। ଉଦଘାଟନୀ କାର୍ଯ୍ୟକ୍ରମରେ ଆଦିବାସୀମାନେ ସେମାନଙ୍କ ପାରମ୍ପରିକ ବାଦ୍ୟର ତାଳେ ତାଳେ ନୃତ୍ୟ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ପ୍ରକଳ୍ପ ଅଧିକାରୀ ଫାଲଗୁଣୀ ମାଝୀ, ଜିଲା ମଙ୍ଗଳ ଅଧିକାରୀ ସନ୍ତୋଷ କୁମାର ରଥ ଉପସ୍ଥିତ ଥିବାବେଳେ ଏହା ସମସ୍ତ ମାଇକ୍ରୋ ପ୍ରୋଜେକ୍ଟରେ ପ୍ରଥମ ହୋଇଥିବାରୁ ଅଞ୍ଚଳର ଆଦିବାସୀ ମାନଙ୍କ ପାଇଁ ଗର୍ବର ବିଷୟ ବୋଲି ସ୍ୱତନ୍ତ୍ର ପଦାଧିକାରୀ ବନମାଳୀ ଭୂୟାଁ କହିଛନ୍ତି। ଏଥିରେ ସ୍ୱତନ୍ତ୍ର ପଦାଧିକାରୀ ଭୂୟାଁ ଓ କନିଷ୍ଠ ଯନ୍ତ୍ରୀ ଝସକେତନ କିଷାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବାରୁ ଅଞ୍ଚଳବାସୀ ଧନ୍ୟବାଦ ଜଣାଇଛନ୍ତି।



ଆଦିବାସୀଙ୍କ ଜୀବନଶୈଳୀ ଚିତ୍ର।

## ଏନ୍ଏସି କାଉନସିଲ ବୈଠକ

ଜି.ଉଦୟଗିରି,୧୪।୭(ଡି.ଏନ.ଏ.)

ଜି.ଉଦୟଗିରି ଏନଏସି କାଉନସିଲ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏନ୍ଏସି ଅଧକ୍ଷା ଭାନୁପ୍ରଭା ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଚଳିତ ଆର୍ଥିକ ବର୍ଷ ପାଇଁ ବଜେଟ ଉପରେ ଆଲୋଚନା କରାଯାଇଥିଲା। ଏଥିସହ ପରିମଳ କର୍ମଚାରୀମାନଙ୍କୁ ରେନକୋଟ ପ୍ରଦାନ କରିବା, ସ୍ମାର୍ଟ ପାର୍କ ଏବଂ କ୍ରେମାଟୋରିୟମ ପାଇଁ ଟେଣ୍ଡର କରିବା, ପଦାସାହି ଏବଂ କନବାଗିରିରେ ଥିବା ସ୍ୱାଗତ ତୋରଣ ସୌନ୍ଦର୍ଯ୍ୟକରଣ କରିବା, ଯୁଦ୍ଧକାଳୀନ ଭିତ୍ତିରେ ଡ୍ରେନ ସଫା କରି କଭର ପ୍ଲେଟ ପକାଇବା, ଡ୍ରେନ ଉପରୁ ଜବରଦଖଲ ଉଚ୍ଛେଦ କରିବା ଓ ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ବୈଠକରେ କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡଙ୍ଗୀଙ୍କ ସମେତ ବରିଷ୍ଠ ସହାୟକ ସତ୍ୟ ପ୍ରକାଶ ମହାପାତ୍ର, ପ୍ରଭାତ କୁମାର ସାହୁ , ସସ୍ମିତା କୁମାରୀ ବେହେରା, ମୁକେଶ ରଞ୍ଜନ ନାୟକ, ପବିତ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଉପାଧକ୍ଷ ସନ୍ତୋଷ କୁମାର ବାଘଙ୍କ ସହିତ କାଉନସିଲମାନେ ବୈଠକରେ ଅଂଶଗ୍ରହଣ କରିଥିଲେ।

## ଶିକ୍ଷକ-ଅଭିଭାବକ ସମନ୍ୱୟ ବୈଠକ

ବଲସକୁମ୍ପା,୧୪।୭

ଖଜୁରିପଡ଼ା ବ୍ଲକ୍ ଗାଡ଼ିଆପଡା ସରକାରୀ ଆଶ୍ରମ ବିଦ୍ୟାଳୟରେ ଅଭିଭାବକ ଓ ଶିକ୍ଷୟିତ୍ରୀ, ଶିକ୍ଷକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଜିଲା ଯୋଜନା ଅଧିକାରୀ ଜୀବନ କୌଶଳ ଶିକ୍ଷା ଗୋପାଳ କୃଷ୍ଣ ବେହେରା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ନାଗରିକ ଲକ୍ଷ୍ମୀକାନ୍ତ ଗଣ୍ଡା, ଦିଲୀପ କୁମାର ଦେହୁରୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରଶ୍ମିରଞ୍ଜନ ବେହେରା, ସହକାରୀ ଶିକ୍ଷୟିତ୍ରୀ ଆଶାରାଣୀ ମିଶ୍ର ଓ ଦୀପ୍ତିଲତା ଗୌଡ଼ ପ୍ରମୁଖ ଯୋଗଦେଇଥିଲେ। ପିଲାଙ୍କୁ ଉତ୍ତମ ସଂସ୍କାର ଦେବା ଅଭିଭାବକ ଏବଂ ପିତାମାତାଙ୍କ କର୍ତ୍ତବ୍ୟ ।ଆବାସିକ ବିଦ୍ୟାଳୟରୁ ଛୁଟି ବେଳେ ପିଲାଙ୍କୁ ନେବା ଏବଂ ସ୍କୁଲ ଖୋଲିଲେ ଠିକ୍ ସମୟରେ ସ୍କୁଲରେ ଛାଡ଼ିଲେ ପିଲାଟିର ଗୁଣାତ୍ମକ ଶିକ୍ଷାର ବିକାଶ ହୋଇପାରିବ, ପାଠ ପଢିଲେ ପଥ ଦିଶିବ ବୋଲି ସ୍ଲୋଗାନ ମାଧ୍ୟମରେ ଅତିଥିମାନେ ଶପଥ ପାଠ କରାଇଥିଲେ। ପ୍ରଧାନ ଶିକ୍ଷକ ସାହୁ ଅଭିଭାବକ ଓ ଶିକ୍ଷକ ମଧ୍ୟରେ ସମନ୍ୱୟ ରକ୍ଷାକରି ଚାଲିବା ଏକାନ୍ତ ଆବଶ୍ୟକ ବୋଲି କହିଥିଲେ। ବରିଷ୍ଠ ନାଗରିକ ଗଣ୍ଡା ଓ ଦେହୁରୀ ଛାତ୍ରୀଛାତ୍ରମାନଙ୍କୁ ଭଲ ପାଠ ପଢ଼ି ସ୍କୁଲ ଏବଂ ଅଞ୍ଚଳର ଖ୍ୟାତି ଅର୍ଜନ କରିବାକୁ ପରାମର୍ଶ ଦେଇଥିଲେ ଏବଂ ବାଲ୍ୟ ବିବାହ ନା କହିବା ପାଠ ପଢାକୁ ହଁ କହିବା ଉପରେ ଅଭିଭାବକମାନଙ୍କୁ ପରାମର୍ଶ ଦେଇଥିଲେ।

## ନିର୍ଦ୍ଦେଶକ, ସଭାପତି ନିର୍ଦ୍ୱନ୍ଦ୍ୱ

### ଗୋକର୍ଣ୍ଣପୁର ପାକ୍ସ ନିର୍ବାଚନ



ଗୋକର୍ଣ୍ଣପୁର ପାକ୍ସର ନିର୍ବାଚିତ କର୍ମକର୍ତ୍ତା ।

ଦିଗପହଣ୍ଡି,୧୪।୭(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ଗୋକର୍ଣ୍ଣପୁର ପ୍ରାଥମିକ କୃଷି ସେବା ସମବାୟ ସମିତିର ସଭାପତି ନିର୍ବାଚନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ନିର୍ବାଚନରେ ପ୍ରତାପ କୁମାର ସାହୁ ସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ଜାଗିଲି ସେଠୀ ପ୍ରତାପ କୁମାର ସାହୁ ଘୋଷଣା କରିଥିଲେ। ଏଥି ପୂର୍ବରୁ ଧୀରେନ୍ଦ୍ର ଦୋରା, ବି.ରୋହିତେଶ୍ୱର, ଏନ୍.ବାଲାଜି ରେଡ୍ଡୀ, ଏସ.ସୁଦାମ ରେଡ୍ଡୀ, ସନ୍ଧ୍ୟାରାଣୀ ଦାସ, ଜି.ହରପ୍ରୀୟା, ପି.ଅଭି, ବି.ଶତୃଘ୍ନ, ନୀଳମାଧବ ପଟ୍ଟନାୟକ, ଡି.ସିମାଞ୍ଚଳ, ବି.ଧନୁ, ଜି.ଲକ୍ଷ୍ମୀ, ବିପ୍ରଚରଣ ଦାସ ପ୍ରମୁଖ ନିର୍ଦ୍ଦେଶକ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ଏହି ଅବସରରେ ବିଜୟ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଜିଲା ଯୁବ ବିଜେଡି ଉପସଭାପତି ଏମ୍.ନିରଞ୍ଜନ ରେଡ୍ଡୀ, ବ୍ଲକ୍ ଅଧକ୍ଷା ପ୍ରତିନିଧି କୃଷ୍ଣଚନ୍ଦ୍ର ସେଠୀ, ଗୋକର୍ଣ୍ଣପୁର ସରପଞ୍ଚ ପ୍ରତିନିଧି ସନ୍ତୋଷ କୁମାର ଦୋରା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସମିତିର ବିକାଶ ଓ ଚାଷିମାନଙ୍କର ଅର୍ଥନୈତିକ ଉନ୍ନତିରେ କାର୍ଯ୍ୟ କରିବା ପାଇଁ ନବନିର୍ବାଚିତ କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇଥିଲେ।

## ବିଧାନସଭାରେ ପ୍ରଶ୍ନ କଲେ ପାରଳାଖେମୁଣ୍ଡି ବିଧାୟକ

ପାରଳାଖେମୁଣ୍ଡି,୧୪।୭(ଡି.ଏନ.ଏ.)

ବିଧାନସଭାରେ ଗୁରୁବାର ଗଜପତି ଜିଲାର ବିଭିନ୍ନ ସମସ୍ୟା ପ୍ରସଙ୍ଗ ଉଠାଇଛନ୍ତି ପାରଳାଖେମୁଣ୍ଡି ବିଧାୟକ କେ.ନାରାୟଣ ରାଓ। ବିଧାୟକ ରାଓ ୪ଟି ପ୍ରଶ୍ନ ପଚାରିଥିବା ଜଣାପଡିଛି। ରାଜ୍ୟର କେତୋଟି ପଞ୍ଚାୟତରେ ଖେଳପଡିଆ ତଥା ମିନିଷ୍ଟାଡିୟମ ନିର୍ମାଣ ହୋଇଛି ବିଧାୟକ ତଥ୍ୟ ମାଗିଥିଲେ। ସେହିପରି ଗଜପତି ଜିଲାରେ କ୍ଷୁଦ୍ର ଜଳସେଚନ ବିଭାଗରେ ଦୁର୍ନୀତୀ, ଗଜପତି ଗାଡି ଚାଳକ ସଂଘର ଦାବି ପୁରଣପାଇଁ କ'ଣ ପଦକ୍ଷେପ ନିଆଯାଇଛି, କ୍ଷୁଦ୍ରଜଳସେଚନ ବିଭାଗରେ ହୋଇଥିବା ବ୍ୟାପକ ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ଆଦିକୁ ନେଇ ପ୍ରଶ୍ନ ରଖିଥିଲେ । ବିଧାୟକ ରାଓଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ବିଭାଗୀୟ ମନ୍ତ୍ରୀମାନେ ରଖିଥିଲେ। ସୂଚନାଯୋଗ୍ୟ, ବିଧାୟକ ରାଓ ଏଥିପୂର୍ବରୁ ତଥା ଚଳିତ ବିଧାନସଭା ଅଧିବେଶନରେ ୮ଟି ପ୍ରଶ୍ନ କରିଥିଲେ।

## 'ମୁଁ ଲେଖିବି, ମୁଁ ପଢ଼ିବି' କାର୍ଯ୍ୟକ୍ରମ ଶୁଭାରମ୍ଭ



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ।

ଦାରିଙ୍ଗବାଡ଼ି,୧୪।୭(ଡି.ଏନ.ଏ)

ଦାରିଙ୍ଗବାଡ଼ିର ରାପଡ଼ାବାଡ଼ି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର 'ମୁଁ ଲେଖିବି, ମୁଁ ପଢ଼ିବି' କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ସିଆରସିସି ବଳଭଦ୍ର ମଲ୍ଲିକଙ୍କ ନେତୃତ୍ୱ ଓ ପ୍ରଧାନଶିକ୍ଷୟିତ୍ରୀ ଚାରୁଶୀଳା ମଲ୍ଲିକଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଇଓ ରସାନନ୍ଦ କର ଏବଂ ଏବିଇଓ ତଥା ସିଆରସିସି ସୁବାସିନି ଦିଗାଳ ଅତିଥି ଭାବେ ଯୋଗଦେଇଥିଲେ । କନ୍ଧମାଳ ଜିଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ନିର୍ଦ୍ଦେଶକ୍ରମେ ଜିଲାର ବିଭିନ୍ନ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ହୋଇଛି। ଏହି କ୍ରମରେ ଦାରିଙ୍ଗବାଡ଼ିରେ ବିଇଓ କାର୍ଯ୍ୟାଳୟ ପକ୍ଷରୁ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିବା ବିଇଓ କର କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ମାନେ ନିଜ ପସନ୍ଦ ଅନୁସାରେ ବିଷୟ ଚୟନ କରି ନିଜ ମାତୃଭାଷାରେ ୩ ଦିନ ମଧ୍ୟରେ ଘରେ ହେଉ କି ବିଦ୍ୟାଳୟରେ ହେଉ ଲେଖାଟିଏ ପ୍ରସ୍ତୁତ କରିବେ। ଲେଖାଟିକୁ ଶ୍ରେଣୀ କକ୍ଷରେ ସହପାଠୀ ଏବଂ ଶିକ୍ଷକମାନଙ୍କ ସମ୍ମୁଖରେ ସମ୍ପୃକ୍ତ ଛାତ୍ରୀ ଛାତ୍ର ପଢ଼ିବେ। ଏହାଦ୍ୱାରା ସେମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଏଭଳି ପଞ୍ଚମରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ଲିଖନ ଓ ପଠନର ଦକ୍ଷତା ବୃଦ୍ଧି ପାଇଁ ଜିଲାପାଳ ଏହି କାର୍ଯ୍ୟକ୍ରମ ସମସ୍ତ ବିଦ୍ୟାଳୟରେ ପାଳନ କରାଯିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ବିପଦ ବଢ଼ାଉଛି ମୁକୁଳା ଟ୍ରାନ୍ସଫର୍ମର



ମୁକୁଳା ଟ୍ରାନ୍ସଫର୍ମର ।

ଚକାପାଦ,୧୪।୭(ଡି.ଏନ.ଏ)

କନ୍ଧମାଳ ଜିଲା ଚକାପାଦ ପଞ୍ଚାୟତର ମୁଖ୍ୟ ବଜାର ମଧ୍ୟରେ ଥିବା ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଦୀର୍ଘ ବର୍ଷ ହେଲା ମୁକୁଳା ପଡ଼ିଛି। ଉକ୍ତ ଟ୍ରାନ୍ସଫର୍ମର ଚାରିପଟେ କୌଣସି ବାଡ଼ ଦିଆଯାଇ ନ ଥିବାରୁ କେତବେଳେ ଯେ କୌଣସି ଅଘଟଣ ନ ଘଟିବ ତାହା କହି ହେଉନି। ଗୋରୁଗାଈ ଓ ଛେଳି ମେଣ୍ଢା ଏବଂ ଜନସାଧାରଣଙ୍କ ସୁରକ୍ଷା ପାଇଁ ଟ୍ରାନ୍ସଫର୍ମର ଚାରିପଟେ ପାଚେରୀ କିମ୍ବା ତାରବାଡ଼ କରିବାକୁ ବହୁବାର ଦାବି ହେଉ ଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନି। ଏ ନେଇ ଅଞ୍ଚଳର ବୁଦ୍ଧିଜୀବୀମାନେ ବିଦ୍ୟୁତ୍ ବିଭାଗ ଜେଇ ଅନିଲ କୁମାର ପରିଡ଼ାଙ୍କୁ ଫୋନ ଯୋଗେ ଯୋଗାଯୋଗ କରଇଥିଲେ ମଧ୍ୟ ସୁଫଳ ମିଳୁନି। ଯନ୍ତ୍ରୀ କର୍ଣ୍ଣପାତ କରୁ ନ ଥିବା ହେତୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## କେନାଲ ମରାମତି ହୋଇ ନଥିବାରୁ କ୍ଷୋଭ

### ଘୋଡାହାଡ଼ ଜଳଶୀର୍ଷ କମିଟିର ପରିବର୍ଦ୍ଧିତ ଆଲୋଚନା ସଭା

ଦିଗପହଣ୍ଡି,୧୪।୭(ଡି.ଏନ.ଏ.)

ଘୋଡାହାଡ ଜଳଶୀର୍ଷ କମିଟିର ଏକ ପରିବର୍ଦ୍ଧିତ ଆଲୋଚନା ସଭା ବିଭାଗୀୟ ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଶୀର୍ଷ କମିଟିର ସଭାପତି ରମେଶ ଚନ୍ଦ୍ର ପାତ୍ର ଅଧ୍ୟକ୍ଷତା କରିଥିଲେ। ଚିକିଟି ଜଳସେଚନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ସଞ୍ଜିବ କୁମାର ଦାସଶର୍ମା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଦିଗପହଣ୍ଡି ଘୋଡାହାଡ ଜଳସେଚନ ଉପଖଣ୍ଡର ସହକାରୀ ଉପନିର୍ବାହୀ ଯନ୍ତ୍ରୀ ଏ. ଗୋପାଳ ରାଓ, ସହକାରୀ ଯନ୍ତ୍ରୀ ନିରଞ୍ଜନ ସାହୁ, କ୍ଷୀରୋଦ ଚନ୍ଦ୍ର ବେହେରା ଓ ସୁଶାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ଶୀର୍ଷ କମିଟି ଅଧିନସ୍ଥ ୨୧ଟି ପାଣି ପଞ୍ଚାୟତର କର୍ମକର୍ତ୍ତାମାନେ ବୈଠକରେ ଉପସ୍ଥିତ ରହି ଚଳିତ ଖରଫ ଧାନଚାଷ ଓ ଜଳସେଚନ ସମ୍ପର୍କିତ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ବର୍ତ୍ତମାନ୍ ସୁଦ୍ଧା ଅନେକ ପାଣି ପଞ୍ଚାୟତ ଅଧିନରେ ଥିବା କେନାଲ ମରାମତି କାର୍ଯ୍ୟ ହୋଇନଥିବା ଯୋଗୁ କର୍ମକର୍ତ୍ତାମାନେ ବୈଠକରେ କ୍ଷୋଭ ପ୍ରକାଶ କରିଥିଲେ। ଏହାକୁ ତ୍ୱରିତ ସମାଧାନ କରିବା ପାଇଁ ଅଧିକ୍ଷଣ ଯନ୍ତ୍ରୀ ଶର୍ମା କର୍ମକର୍ତ୍ତାମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

ପ୍ରତ୍ୟେକ ବର୍ଷ ଘୋଡାହାଡ ଡ୍ୟାମ ପାଣି ଛାଡିବା ପୂର୍ବରୁ ଏଭଳି ଆଲୋଚନା ସଭା ଅନୁଷ୍ଠିତ ହୋଇଥାଏ। ଆସନ୍ତା ୧୭ ତାରିଖରେ ଘୋଡାହାଡ ଡ୍ୟାମ୍‌ରେ ଗେଟ୍ ପୂଜା ଅନୁଷ୍ଠିତ ହେବ ଏବଂ ଚଳିତ ମାସ ୨୫ ତାରିଖ ସୁଦ୍ଧା ଚାଷକାର୍ଯ୍ୟ ପାଇଁ ଡ୍ୟାମ୍‌ରୁ ପାଣି ଛଡାଯିବ ବୋଲି ବୈଠକରେ ନିଷ୍ପତି ହୋଇଥିବା ସମ୍ପର୍କରେ ସହକାରୀ ଉପନିର୍ବାହୀ ଯନ୍ତ୍ରୀ ଏ.ଗୋପାଳ ରାଓ ସୂଚନା ଦେଇଛନ୍ତି। ସମ୍ଭାବ୍ୟ ଲଘୁଚାପ ବର୍ଷା ଯୋଗୁ ଡ୍ୟାମ୍‌ରେ ଯେତିକି ପରିମାଣରେ ଜଳସ୍ତର ବୃଦ୍ଧି ପାଉଛି ସେତିକି ପରିମାଣରେ ନିଷ୍କାସନ କରାଯାଉଥିବା ସେ ସୂଚନା ଦେଇଛନ୍ତି। ପ୍ରଦୀପ ଚନ୍ଦ୍ର ମହାନ୍ତିଙ୍କ ସମେତ ଅନ୍ୟସମସ୍ତ କର୍ମଚାରୀ ବୈଠକ ପରିଚଳନା କରିଥିବା ବେଳେ ଶୀର୍ଷ କମିଟିର କୋଷାଧକ୍ଷ ରାମନାଥ ବିଷୋୟୀ ଧନ୍ୟବାଦ ଅର୍ପଣ କରିଥିଲେ।